# ଯୀଶୁଙ୍କ ଆଗମନରେ ସହର ଉତ୍ସବମୁଖର





ରାଉରକେଲା,୨୫।୧୨(ସମିସ)

ବଡ଼ ଦିନ ପାଇଁ ସମଗ୍ର ଜିଲ୍ଲା ସହିତ ରାଉରକେଲା ଉତ୍ସବ ମୁଖର ହୋଇଛି । ଗତ ବିଳମ୍ବିତ ରାତିରେ ଭଗବାନ ଯୀଶୁଖ୍ରୀଷ୍ଟଙ୍କ ଧରାବତରଣ ପରେ ଜିଲ୍ଲାର ପୁରପଲ୍ଲୀରେ ଥିବା ସମସ୍ତ ଛୋଟବଡ଼ ଗୀର୍ଜା ଗୃହରେ ଆଧ୍ୟାତ୍ମିକତା ପରିବେଶ ସୃଷ୍ଟି ହୋଇଛି । ଏହି ପରିପ୍ରେକ୍ଷୀରେ ରାଉରକେଲା ହମିରପୁର କ୍ୟାଥୋଲିକ ଚର୍ଚ୍ଚ ଏବଂ ଝିରପାଣି ଚର୍ଚ୍ଚରେ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ଭିଡ଼ ହୋଇଥିଲା । ଆଜି ସକାଳେ ମଧ୍ୟ ହମିରପୁର କ୍ୟାଥୋଲିକ ଚର୍ଚ୍ଚ ଏବଂ ଝିରପାଣି ଚର୍ଚ୍ଚରେ ଆନନ୍ଦ ଉଲ୍ଲାସ ଉତ୍ସବ ପାଳନ ହୋଇଥିଲା । ଏହି କ୍ରମରେ ସମବେତ ପ୍ରାର୍ଥନା ଆୟୋଜିତ ହୋଇଥିଲା । ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନେ ପରସ୍ପରକୁ ମେରି ଖ୍ରୀଷ୍ଟମାନ୍ କହି କରମର୍ଦ୍ଦନ କରି ଶୁଭେଚ୍ଛା ଜଣାଇଥିଲେ । ରାଉରକେଲା ହମିରପୁରସ୍ଥିତ କାଥୋଲିକ ଚର୍ଚ୍ଚ ପକ୍ଷରୁ ପବିତ୍ର ବଡ଼ଦିନ ପାଳନ ଅବସରରେ ରାଉରକେଲା କ୍ୟାଥୋଲିକ ଡାଇସିସ୍‌ର ବିଶପଙ୍କ ଦ୍ୱାରା ସମବେତ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା । ସେହିପରି ରାଉରକେଲା କ୍ୟାଥୋଲିକ ଡାଇସିସ୍‌ର ସମସ୍ତ ଛୋଟବଡ଼ ଚର୍ଚ୍ଚର ଫାଦର, ପାଷ୍ଟରମାନେ ଯୋଗ ଦେଇ ପାରମ୍ପରିକ ପୋଷାକରେ ସମବେତ ପ୍ରାର୍ଥନା କରିଥିଲେ । ସେହିପରି ରାଉରକେଲାରେ ପ୍ରଭୁ ଯୀଶୁଙ୍କ ଜନ୍ମଦିନ ଏବଂ ବଡଦିନ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି । ଏହା ବ୍ୟତୀତ ବୀରମିତ୍ରପୁର, ହାତୀବାଡ଼ି, ନୂଆଁଗା, ବିଶ୍ରା, ଲାଠିକଟା ସମେତ ବିଭିନ୍ନ ଅଞ୍ଚଳରେ ପାଳିତ ହୋଇଥିଲା ବଡ ଦିନ ।ସେହିପରି ରାଉରକେଲା, ଝିରପାଣି, କୋଏଲନଗର, ଜଳଦା, ବାଲିଯୋଡ଼ି, ରେଲୱେ କଲୋନୀ, ଶାନ୍ତି ଭବନ, ମଧୁସୂଦନପାଲି, ବାସନ୍ତୀ କଲୋନୀ, ଛେଣ୍ଡ କଲୋନୀ, ସିଭିଲ ଟାଉନସିପର ପ୍ରମୁଖ ଚର୍ଚ୍ଚଗୁଡିକରେ ଖ୍ରୀଷ୍ଟମାସ ପାଳିତ ହୋଇଯାଇଛି । ଅନ୍ୟପକ୍ଷରେ ବେଦବ୍ୟାସ, କଲୁଙ୍ଗା, ନୂଆଗାଁ, ଲାଠିକଟା, ବନ୍ଧମୁଣ୍ଡା, ବିଶ୍ରା, ବୀରମିତ୍ରପୁର, କୁଆଁରମୁଣ୍ଡା, ରାଜଗାଙ୍ଗପୁର, କୁସୁମଡେଗି, କେଶରାମାଲ, ଝୁରମୁର, ବଡଗାଁ , ନୁଆଗାଁ , ହାତିବାରୀ, ପୁରୁଣାପାଣି , ସୁନ୍ଦରଗଡ଼ ସହିତ ୪୩ ଟି ବଡ ଚର୍ଚ୍ଚ ଏବଂ ତିନି ଶହରୁ ଅଧିକ କ୍ୟାଥୋଲିକ ଚର୍ଚ୍ଚରେ ଧୂମଧାମରେ ବଡ଼ଦିନ ପାଳିତ ହୋଇଥିବା ଜଣାପଡ଼ିଛି ।

**ବଣାଇଁ:** ବଡ଼ଦିନ ପାଇଁ ବଣାଇଁ ସହର ଏବେ ଉତ୍ସବ ମୁଖର ହୋଇଛି । ବଣାଇଁ ଚର୍ଚ୍ଚ ଛକରେ ଥିବା ପ୍ରଭୁ ପ୍ରକାଶ କାଥୋଲିକ ଚର୍ଚ୍ଚକୁ ଆକର୍ଷଣୀୟ ରୂପରେ ସଜ୍ଜିତ କରାଯାଇଛି । ପ୍ରଭୁ ଯୀଶୁଙ୍କ ଜନ୍ମ ଓ ବଡ଼ଦିନ ପର୍ବ ପାଇଁ ଚର୍ଚ୍ଚ ପରିସରରେ ପ୍ରାର୍ଥନା, ସମ୍ମିଳିତ ଧର୍ମଗୀତ ଓ ନାଚ ଗୀତ ସହ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ମଙ୍ଗଳବାର ମଧ୍ୟରାତ୍ରରେ ପ୍ରଭୁ ଯୀଶୁ ଧରାବତରଣ କରିଥିବା ବେଳେ ଗତକାଲି ସନ୍ଧ୍ୟାରୁ ଆଜି ଦିନ ତମାମ ବଣାଇଁ ଚର୍ଚ୍ଚରେ ଯୀଶୁ ଭକ୍ତଙ୍କ ଗହଳି ଲାଗିରହିଛି । ଚର୍ଚ୍ଚରେ ସ୍ୱତନ୍ତ୍ର ପ୍ରସ୍ତୁତି ହେବା ସହ ଖ୍ରୀଷ୍ଟ ଧର୍ମାବଲାମ୍ବୀ ରାତି ସାରା ଉଜାଗର ରହି ପ୍ରଭୁ ଯୀଶୁଙ୍କୁ ସ୍ୱାଗତ କରିଥିଲେ । ଚର୍ଚ୍ଚକୁ ସମ୍ପୂର୍ଣ୍ଣ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଛି । ସନ୍ଧ୍ୟାରେ ମହମବତି ଜାଳି ପ୍ରଭୁ ଯୀଶୁଙ୍କ ଉପାସନା କରିଥିବା ବେଳେ ଆଜି ସକାଳୁ ଚର୍ଚ୍ଚ ରେ ସମୂହ ପ୍ରାର୍ଥନା କରିଛନ୍ତି । ବଣାଇଁ ସହରରେ ବସବାସ କରୁଥିବା ଖ୍ରୀଷ୍ଟିଆନ ଧର୍ମର ପ୍ରତ୍ୟେକ ପରିବାରରେ ଆଜି ଆନନ୍ଦ ଉଲ୍ଲାସର ସହ ଏହି ବଡ଼ଦିନ ପର୍ବ ପାଳନ କରାଯାଇଛି ।




## ରିଫ୍ରାକ୍ଟୋରୀ ଆସିଷ୍ଟାଣ୍ଟ ମେସନ୍ ସନ୍ଦର୍ଭରେ ତାଲିମ



ରାଉରକେଲା, ୨୫।୧୨(ସମିସ): ସେଲ ରାଉରକେଲା ଇସ୍ପାତ କାରଖାନା ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱ ପ୍ରୟାସ ଅଧୀନ ରୋଜଗାର କ୍ଷମତାରେ ଉନ୍ନତି ପଦକ୍ଷେପ ଅନୁଯାୟୀ ଶିଳ୍ପ ସହର ବସ୍ତି ତଥା ପାଶ୍ୱର୍ାଞ୍ଚଳର ୪୦ ଜଣ ସ୍ଥାନୀୟ ଯୁବକଙ୍କୁ ନୂତନ ତାଲିମ କାର୍ଯ୍ୟକ୍ରମ "ଆସିଷ୍ଟାଣ୍ଟ ମେସନ୍ ଫର ରିଫ୍ରାକ୍ଟୋରୀ' ନିମନ୍ତେ ପ୍ରାୟୋଜିତ କରୁଛି । ଏହି ୩୦ ଦିନିଆ ତାଲିମ କାର୍ଯ୍ୟକ୍ରମ ସେକ୍ଟର-୧୫ସ୍ଥିତ ଆଜୀବିକା କେନ୍ଦ୍ରରେ ଉଦ୍‌ଘାଟିତ ହୋଇଥିଲା । ଏହି ଆଜିବିକା କେନ୍ଦ୍ର ଏନଏସ୍‌ଆଇସି, ଏନଏସଟିଏଫଡିସି ଏବଂ ସେଲ ଆରଏସ୍‌ପି ମଧ୍ୟରେ ସ୍ୱାକ୍ଷରିତ ତ୍ରିପାକ୍ଷିକ ବୁଝାମଣା ପତ୍ର ଅଧୀନରେ ସ୍ଥାପିତ ହୋଇଛି । ଉଦ୍‌ଘାଟନୀ ଉତ୍ସବରେ ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗର ସିଜିଏମ ଇନଚାର୍ଜ ପିକେ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ସିଏସ୍‌ଆର ବିଭାଗର ଜିଏମ୍ ଇନଚାର୍ଜ ମୁନମୁନ୍ ମିତ୍ରା, ରିଫ୍ରାକ୍ଟୋରୀ ବିଭାଗର ଜିଏମ୍ ଇନଚାର୍ଜ ଏସ୍‌ଏସ୍ ପଣ୍ଡା, ଡିଜିଏମ ଏଚ୍ ସି ପାତ୍ର, ସିଏସ୍‌ଆର ବିଭାଗର ଏଜିଏମ ଟି.ବି ଟପ୍ପୋ, ଏଲବି.ଆଇ - ଏନ୍‌ଏସଆଇସିର ମୁଖ୍ୟ ପ୍ରବନ୍ଧକ ଡି.ନାୟକ, ରିଫ୍ରାକ୍ଟୋରୀ ବିଭାଗର ସିନିୟର ମ୍ୟାନେଜର କେକେ ତନ୍ତି ଉପସ୍ଥିତ ଥିଲେ । ସ୍ଥାନୀୟ ଯୁବକଙ୍କ ରୋଜଗାର ଦକ୍ଷତା ବୃଦ୍ଧି ନିମନ୍ତେ ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଡିଜାଇନ୍ ହୋଇଥିବା ଏହି ପ୍ରଶିକ୍ଷଣ ରିଫ୍ରାକ୍ଟୋରୀ ଶିଳ୍ପରେ ଜୀବିକା ଗଠନ ପାଇଁ ସେମାନଙ୍କୁ ଆବଶ୍ୟକ ଜ୍ଞାନକୌଶଳ ପ୍ରଦାନ କରିବାର ଲକ୍ଷ୍ୟ ରଖିଛି । କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ଶ୍ରମ ସମ୍ବଳଙ୍କୁ ରିଫ୍ରାକ୍ଟୋରୀ କ୍ଷେତ୍ରରେ ବିଶେଷ ଦକ୍ଷତା ସହିତ ସଶକ୍ତ କରିବା । ଏହି କାର୍ଯ୍ୟକ୍ରମର ଦୀର୍ଘମିଆଦି ପ୍ରଭାବ ନା କେବଳ ତାଲିମପ୍ରାପ୍ତ ବ୍ୟକ୍ତିଙ୍କ ପାଇଁ ନିଯୁକ୍ତି ସୁଯୋଗ ବୃଦ୍ଧି ବରଂ ସ୍ଥାନୀୟ ଶିଳ୍ପ ପାଇଁ ଏକ ସଶକ୍ତ କର୍ମଜୀବୀ ସୃଷ୍ଟି କରିବା ଅଟେ । ଏହି ତାଲିମ କାର୍ଯ୍ୟକ୍ରମ ରିଫ୍ରାକ୍ଟୋରୀ ରାଜମିସ୍ତ୍ରୀ ବୃତ୍ତିର ବିଭିନ୍ନ ଦିଗରେ ବ୍ୟାପକ ଜ୍ଞାନ ଆହରଣ ତଥା ଏହି ବୃତ୍ତିର ବିଭିନ୍ନ ପ୍ରାସଙ୍ଗିକ ଦିଗ ଯଥା ରିଫ୍ରାକ୍ଟୋରୀ ଉପକରଣର ସଠିକ୍ ବ୍ୟବହାର, ରିଫ୍ରାକ୍ଟୋରୀ ସାମଗ୍ରୀ ପରିଚାଳନା ଏବଂ ଏକ ଇସ୍ପାତ କାରଖାନାର ମୌଳିକ କାର୍ଯ୍ୟ ସମ୍ବନ୍ଧରେ ଅବଗତ ହେବା ସାମିଲ ରହିଛି ।

## ପାଣି ପଞ୍ଚାୟତ ପକ୍ଷ ପାଳିଲା ଉଠା ଜଳସେଚନ ନିଗମ



ରାଉରକେଲା,୨୫।୧୨(ସମିସ) : ରାଜ୍ୟ ଜଳ ସମ୍ପଦ ବିଭାଗ ଉଠା ଜଳସେଚନ ନିଗମ, ରାଉରକେଲା ଡିଭିଜନ ପକ୍ଷରୁ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ନୂଆଗାଁ ବ୍ଲକ୍ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ପାଳିତ ହୋଇଯାଇଛି । ଏଥିରେ ନୂଆଗାଁ ବ୍ଲକ୍ ଚେୟାରମ୍ୟାନ ବି. ଟୋପ୍ପୋ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ନାୟକ ଏଥିରେ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଭିନ୍ନ ପ୍ରକଳ୍ପର ତଦାରଖ, ନିୟମିତ ଜଳକର ଆଦାୟ, ଠିକ୍ ସମୟରେ ବିଦ୍ୟୁତ ବିଲ ପୈଠ ପ୍ରଭୃତି ସମ୍ପର୍କରେ ଚାଷୀ ଓ ପାଣି ପଞ୍ଚାୟତ କର୍ମକର୍ତ୍ତା ଦୃଷ୍ଟି ଦେବାକୁ ସେ ନିବେଦନ କରିଥିଲେ । ବିଭାଗୀୟ ସହକାରୀ ଯନ୍ତ୍ରୀ ତିରୁପତି ନନ୍ଦଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପଲ୍ଲବୀ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ । ବ୍ଲକ୍ କୃଷି ଅଧିକାରୀ ଏସ୍. ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ସେଚ ନିଗମ କାର୍ଯ୍ୟାଳୟର ଇଂ ତାରିଣୀ ବେହେରା, ଇଂ ସ୍ୱରୂପ ପରିଡ଼ା, ଇଂ ସୌମ୍ୟ ରଞ୍ଜନ ବେହେରା, ଇଂ ଏସ୍. ରାଓ, ଇଂ ଏସ୍. ସୁରିନଙ୍କ ସହ ବହୁ କର୍ମଚାରୀ ଯୋଗଦେଇ ନିଜ ନିଜ ବିଭାଗର ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏଥିରେ ନୂଆଗାଁ ବ୍ଲକ ସମେତ ଅନ୍ୟ ବ୍ଲକ ଅଞ୍ଚଳର ବହୁ ଚାଷୀ ଯୋଗ ଦେଇଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର ୧୨କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ

ରାଉରକେଲା,୨୫।୧୨(ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ବୁଧବାର ରାଉରକେଲାରେ ପାଳିତ ହୋଇଯାଇଛି । ସ୍ଥାନୀୟଆମ୍ରବାଗନାସ୍ଥିତ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ



ସହରର ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିସନର ଆଶୁତୋଷ କୁଲକର୍ଣ୍ଣି, ପାନପୋଷ ଉପଜିଲ୍ଲାପାଳ ବିଜୟ ନାୟକ ଯୋଗ ଦେଇଥିଲେ । ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ରାଉରକେଲା ସୀମା ଫାତିମା ଏକ୍କା, ଦିପିକା ଶିକ୍ଷା ସଦନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ରୀଅରବିନ୍ଦ ରାଉରକେଲା ସ୍କୁଲର କ୍ରୀଡ଼ା ସମ୍ମିଳନୀ

ରାଉରକେଲା,୨୫।୧୨(ସମିସ): ସେକ୍ଟର-୫ସ୍ଥିତ ଶ୍ରୀଅରବିନ୍ଦ ରାଉରକେଲା ସ୍କୁଲର ୫୨ତମ କ୍ରୀଡ଼ା ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି ଅବସରରେ ରାଉରକେଲା ଇସ୍ପାତ କାରଖାନା, ଟାଉନ୍‌ସିପ୍ ଡିପାର୍ଟମେଣ୍ଟର ଜେନେରାଲ ମ୍ୟାନେଜର୍ (ଆଇ/ସି) ଟି. ଜି କାନେକର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କ୍ରୀଡ଼ା ବିଭାଗରୁ ଜନ୍ମେଜୟ ମହନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍କୁଲର ସମ୍ପାଦକ ଡକ୍ଟର ପ୍ରଶାନ୍ତ କୁମାର ପାତ୍ର ପିଲାମାନଙ୍କୁ କ୍ରୀଡ଼ା ପ୍ରତି ଉତ୍ସାହିତ କରିଥିଲେ । ସ୍କୁଲର ପରିଚାଳନା କମିଟିର ସଭ୍ୟ ଅରୂପ କୁମାର ସୁବୁଦ୍ଧି, ଚିତ୍ତରଞ୍ଜନ ନନ୍ଦୀ, ସୁନାକର ନାୟକ, ବିଶ୍ୱନାଥ ଆଇଚ, ନିବେଦିତା ପଟ୍ଟନାୟକ ଓ ଅନ୍ୟାନ୍ୟ ସଭ୍ୟସଭ୍ୟା ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ ଗୀତାରାଣୀ ବେହେରା, ବନ୍ଦନା ଦାସ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶିକ୍ଷୟିତ୍ରୀ ଅଞ୍ଜଳି ମହାନ୍ତି, କଳ୍ପନା ଚୌଧୁରୀ, ସନ୍ଧ୍ୟା ରାଣୀ ଲେଙ୍କା, ଜୟଶ୍ରୀ ମାନକୀ, ସୌମ୍ୟ ରଞ୍ଜନ ପାଣିଗ୍ରାହୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ୬୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଅଭିଭାବକ ଅଭିଭାବିକ ଏଥିରେ ଯୋଗଦେଇ ଥିଲେ । ବିଦ୍ୟାଳୟର ଅଧ୍ୟକ୍ଷା ଅଞ୍ଜଳି ଶତପଥୀ ଧନ୍ୟବାଦ ଦେଇଥିଲେ ।

## ଛେଣ୍ଡ ଛକର ନାମ 'ବ୍ୟାସଛକ' ଭାବେ ନାମିତ ପାଇଁ ଦାବି

ରାଉରକେଲା, ୨୫।୧୨(ସମିସ): ଛେଣ୍ଡ ଛକର ନାମ 'ବ୍ୟାସଛକ' ଭାବେ ନାମିତ କରିବା ତଥା ଛେଣ୍ଡ ଭିଏସ୍‌ଏସ୍ ଛକରେ 'ବ୍ୟାସ ବାଟିକା' ନିର୍ମାଣ କରିବା ପାଇଁ ବେଦବ୍ୟାସ ବିକାଶ ମଞ୍ଚ ପକ୍ଷରୁ ଦାବି କରାଯାଇଛି । ଏହି କ୍ରମରେ ବେଦବ୍ୟାସ ବିକାଶ ମଞ୍ଚର ଟ୍ରଷ୍ଟିଗଣ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ଆର୍‌ଏମ୍‌ସି କମିସନରଙ୍କୁ ସାକ୍ଷାତ କରି ସ୍ମାରକପତ୍ର ମାଧ୍ୟମରେ ଏହି ଦାବି ଉପସ୍ଥାପନ କରିଥିଲେ । ରିଙ୍ଗରୋଡ୍-ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ ଛକକୁ ବ୍ୟାସଛକ ନାମରେ ନାମିତ କରିବା ସହିତ ନିକଟରେ ଖାଲି ଥିବା ସ୍ଥାନରେ ବ୍ୟାସବାଟିକା ନିର୍ମାଣ ପାଇଁ ନିବେଦନ କରାଯାଇଥିଲା । ଦୁର୍ଗାପୁର ପାହାଡ଼ରେ ଅପର ପାଶ୍ୱର୍ରେ ହନୁମାନ ବଟିକା ଏବଂ ଏପାଖରେ ବ୍ୟାସବାଟିକା ଅଗଣିତ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ହେବ ଏହା ସହିତ ଝୁଲାପୋଲ ନିର୍ମାଣ ସାରିବା ପରେ ସେକ୍ଟର ପଟୁ ଦୈନିକ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ରିଙ୍ଗରୋଡ଼ ଛେଣ୍ଡ ଭିଏସଏସ ମାର୍କେଟ ଛକ ଦେଇ ପ୍ରବେଶ କରିବେ । ତେଣୁ ଏହି ଛକର ନାମ ବ୍ୟାସଛକ ହେବା ଯଥାର୍ଥ ବୋଲି କୁହାଯାଇଛି । ସେହିପରି ବାଲୁଘାଟ ରୁପୁଟୋଲାରେ ଥିବା ଅବ୍ୟବହୃତ କାଞ୍ଜିଆ ହାଉସରେ ବୁଲାଗାଈଗୋରୁଙ୍କୁ ରଖି ସେବା କରିବା ପାଇଁ ବେଦବ୍ୟାସ ବିକାଶ ମଞ୍ଚ ଟ୍ରଷ୍ଟକୁ ପରିଚାଳନା ନିମନ୍ତେ ଦାୟିତ୍ୱ ଦେବାକୁ ନିବେଦନ କରାଯାଇଥିଲା । ଏହି ଅବସରରେ ସଭାପତି ବଦ୍ରୀନାରାୟଣ ପାଢ଼ୀ, ଉପସଭାପତି ରମାକାନ୍ତ ପାଣ୍ଡେ ଏବଂ ନରେନ୍ଦ୍ର କୁମାର ଦାଶ, ସାଧାରଣ ସମ୍ପାଦକ ବିଭୂତି ଭୂଷଣ ଦାସ, କୋଷାଧ୍ୟକ୍ଷ ମଧୁସୂଦନ ସାହୁ, ସମ୍ପାଦକ ଶ୍ରୀକାନ୍ତ କୁମାର ନାୟକ, ବିଜୟାନନ୍ଦ ଅଗ୍ରୱାଲ, ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ଅପୂର୍ବ କୁଣ୍ଡୁଙ୍କ ସହିତ କେଦାରନାଥ ପାଢ଼ୀ, ବିଭୁଦତ୍ତ ବେହେରା, ଲକ୍ଷ୍ମୀନାରାୟଣ ମିଶ୍ର ଏବଂ ଟିକେଶ୍ୱର ପ୍ରଧାନ ପ୍ରମୁଖ ଟ୍ରଷ୍ଟିଗଣ ଉପସ୍ଥିତ ଥିଲେ ।

## ମହିପାଣି ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ

ରାଉରକେଲା,୨୫।୧୨(ସମିସ): ବିଶ୍ରା ବ୍ଲକ୍ ମହିପାଣିସ୍ଥିତ ଆଦର୍ଶ ବିଦ୍ୟାଳୟର ୭ମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ପଲେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବୀରମିତ୍ରପୁର ବିଧାୟକ ରୋହିତ ଯୋଶେଫ ତୀର୍କି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବିଶ୍ରା ବିଇଓ ସଦାନନ୍ଦ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଏବିଇଓ କୃପାସିନ୍ଧୁ ପତି ପ୍ରମୁଖ ଯୋଗଦେଇ ଆଦର୍ଶ ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷା ପ୍ରଦାନ ନେଇ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ବ୍ଲକ୍ ସଭାପତି ଫୁଲମଣି କେରକେଟା, ଭାଲୁଲତା ସରପଞ୍ଚ ବିଛା ମିଞ୍ଜ, ପଞ୍ଚାୟତ ସମିତି ସଭ୍ୟ ସୁନିତା ମିଞ୍ଜ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ ଅନଜାନୀ ମିଶ୍ର ସଭା ପରିଚାଳନା କରିଥିଲେ । ଶିକ୍ଷକ ପୁରୁଷୋତ୍ତମ କଂସାଳି ଧନ୍ୟବାଦ ଅର୍ପଣ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଅବସରପ୍ରାପ୍ତ ଓଡ଼ିଆ ଶିକ୍ଷକ ଭୀଷ୍ମଦେବ ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

## ଆର୍‌ଏସ୍‌ପିରେ ତାଲିମ ନେବେ ୧୫୦ରୁ ଊର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ



ରାଉରକେଲା,୨୫।୧୨(ସମିସ) : ରାଉରକେଲା ଇସ୍ପାତ କାରଖାନାରେ ୧୫୦ରୁ ଉର୍ଦ୍ଧ୍ୱ ଗ୍ରାଜୁଏଟ୍ ଓ ଟେକ୍ନିସିଆନ୍ ଆପ୍ରେଣ୍ଟିସ୍ ପ୍ରଶିକ୍ଷାର୍ଥୀ ବର୍ଷବ୍ୟାପି ତାଲିମ ପାଇଁ ଭର୍ତ୍ତି ହୋଇଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ ୧୯୬୧/୧୯୭୩ର ଆପ୍ରେଣ୍ଟିସିପ୍ ଆକ୍ଟ ପ୍ରାବଧାନ ଅନୁଯାୟୀ ଏକ ବର୍ଷର ତାଲିମ ପାଇଁ ସେଲ, ରାଉରକେଲା ଇସ୍ପାତ କାରଖାନାରେ ୧୫୪ ଜଣ ଗ୍ରାଜୁଏଟ୍, ଟେକ୍ନିସିଆନ୍ ଓ ଆପ୍ରେଣ୍ଟିସ୍ ଟ୍ରେନିଂର ଚତୁର୍ଥ ବ୍ୟାଚ୍‌କୁ ପ୍ରବେଶ କରାଯାଇଛି । ଡିସେମ୍ବର ୧୭ ତାରିଖରେ ଗୋପବନ୍ଧୁ ଅଡିଟୋରିୟମରେ ସେମାନଙ୍କ ପାଇଁ ଏକ ତିନିଦିନିଆ ପ୍ରବେଶିକା କର୍ମଶାଳା ଆରମ୍ଭ ହୋଇଛି । ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏମ୍‌ଏସ ଏବଂ ଏଲ୍‌ଆଣ୍ଡ ଟି ବିଭାଗର ସିଜିଏମ୍ ପି.କେ ସାହୁ ଅଧ୍ୟକ୍ଷତା କରିଥିଲେ ।

ଏହି ଅବସରରେ ମାନବସମ୍ବଳ ବିଭାଗର ଜିଏମ୍ ଚୈତାଳି ଦାସ ଉପସ୍ଥିତ ଥିଲେ । ପ୍ରଶିକ୍ଷାର୍ଥୀମାନଙ୍କୁ ସମ୍ବୋଧିତ କରି ଶ୍ରୀ ସାହୁ ରାଷ୍ଟ୍ର ନିର୍ମାଣରେ ଆରଏସ୍‌ପିର ଗୁରୁତ୍ୱ ଏବଂ ସରକାରଙ୍କ ସ୍କିଲ ଇଣ୍ଡିଆ ଉଦ୍ୟମରେ ଏହାର ଅବଦାନ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମକୁ ମାନବସମ୍ବଳ ବିଭାଗର ଉପ ପ୍ରବନ୍ଧକ ଏସ୍.କେ ସୁକୁଲା ସଂଯୋଜନା କରିଥିଲେ । ଉଲ୍ଲେଖ ଯୋଗ୍ୟ ଯେ ବର୍ଷବ୍ୟାପୀ ଆପ୍ରେଣ୍ଟିସିପ୍ ପାଇଁ ଗ୍ରାଜୁଏଟ୍ ଡିଗ୍ରୀଧାରୀଙ୍କ ନିମନ୍ତେ ମାସିକ ୯ହଜାର ଓ ଟେକ୍ନିସିଆନ୍ ଡିପ୍ଲୋମାଧାରୀଙ୍କ ପାଇଁ ୮ହଜାର ଟଙ୍କା ପ୍ରଦାନ କରାଯିବ । ଏହି ବ୍ୟାଚ୍ ସହିତ ଆର୍‌ଏସ୍‌ପିରେ ଚଳିତବର୍ଷ ୭୫୭ ଜଣ ଗ୍ରାଜୁଏଟ୍ ଓ ଟେକ୍ନିସିଆନ୍ ଆପ୍ରେଣ୍ଟିସଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ସରକାରଙ୍କ ସ୍କିଲ୍ ଇଣ୍ଡିଆ ମିଶନ୍ ସହିତ ସମାନ୍ତରାଳ ଭାବେ ଧନ୍ଦାମୂଳକଶିକ୍ଷା ଏବଂ ଦକ୍ଷତା ବିକାଶକୁ ପ୍ରୋତ୍ସାହିତ କରିବା ।

## ଅଲ୍ ଇଣ୍ଡିଆ ଓପନ୍ କରାଟେ ଚାମ୍ପିଅନ୍‌ସିପ୍ ପାଇଁ ୩୦ଜଣିଆ ଦଳର ଭୁବନେଶ୍ୱର ଯାତ୍ରା



ରାଉରକେଲା,୨୫।୧୨: ସୁକୋକାଇ କରାଟେ ୟୁନିଅନ୍ ଇଣ୍ଡିଆ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ୍‌ରେ ଆୟୋଜିତ ୧୪ତମ ସର୍ବଭାରତୀୟ ଓପନ୍ କରାଟେ ଚାମ୍ପିଅନ୍‌ସିପ୍‌ରେ ଭାଗ ନେବା ପାଇଁ ୩୦ଜଣିଆ ରାଉରକେଲା ଦଳ ଭୁବନେଶ୍ୱର ଯାତ୍ରା କରିଥିବା ଜଣାପଡ଼ିଛି । ସୁକୋକାଇ କରାଟେ ୟୁନିଅନ୍ ଇଣ୍ଡିଆର ମୁଖ୍ୟ ହାଂଶୀ ଡ. ହରିପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନତାରେ ଚଳିତ ୨୬ ରୁ ୨୯ ରିଖ ୪ ଦିନ ଧରି ହେବାକୁ ଥିବା ଏହି ଚାମ୍ପିଅନ୍‌ସିପ୍‌ରେ ଦେଶର ବିଭିନ୍ନ ରାଜ୍ୟରୁ ପ୍ରାୟ ୧ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି । ରାଉରକେଲା ଉତ୍କଳ କରାଟେ ସ୍କୁଲରେ ରାଜୀବ ସିଂଙ୍କ ନିକଟରେ ପ୍ରଶିକ୍ଷଣ ନେଉଥିବା କରାଟେକାଙ୍କ ମଧ୍ୟରୁ ମନୋନୀତ ଏକ ୩୦ଜଣିଆ କରାଟେକା ଦଳ ଏହି ଚାମ୍ପିଅନ୍‌ସିପ୍‌ରେ ଅଂଶଗ୍ରହଣ ପାଇଁ କୋଚ ଅଭିଷେକ ପଟ୍ଟନାୟକ ଓ ମ୍ୟାନେଜର ରଞ୍ଜନ ପାତ୍ରଙ୍କ ନେତୃତ୍ୱରେ ବୁଧବାର ସକାଳେ ଟ୍ରେନ୍ ଯୋଗେ ଭୁବନେଶ୍ୱର ଯାତ୍ରା କରିଥିବା ଜଣାପଡ଼ିଛି ।

### ପେଟ୍ରୋଲ ପମ୍ପରେ ଡକାୟତି ଯୋଜନା ପଣ୍ଡ

# ୬ ଗିରଫ; ବନ୍ଧୁକ, ଭୁଜାଲି ଜବତ





ରାଉରକେଲା,୨୫।୧୨(ସମିସ)

ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ଏକ ପେଟ୍ରୋଲ ପମ୍ପରୁ ଡକାୟତି ଯୋଜନା କରୁଥିବାବେଳେ ପୁଲିସ ୬ ଡକାୟତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ରିଭଲଭର ସମେତ ମାରଣାସ୍ତ୍ର ଜବତ କରିଛି । ଗିରଫ ଡକାୟତମାନେ ହେଲେ ନୂଆବଜାର ଭବାନିପୁର ଉତ୍ତମ ବସ୍ତିର ଛୋଟୁ ଓରଫ ଲକ୍ଷ୍ମଣ ସିଂ(୪୨), ନୂଆ ବସ୍‌ଷ୍ଟାଣ୍ଡ ଗାନ୍ଧୀ ରୋଡ ଅଞ୍ଚଳର ଏମ୍‌ଡି ଫୁଲବାବୁ(୨୦), ବିକି ଅହମଦ(୨୪), ଗୁରୁଦ୍ୱାର ରୋଡ୍ ଅଞ୍ଚଳର ରବି ରାୟ(୨୧), ଶମ୍ଭୁ ରାମ(୨୩) ଓ ମଧୁସୂଦନ ମାର୍ଗ ଅଞ୍ଚଳର କେତନ ଶର୍ମା(୨୮) । ସେମାନଙ୍କୁ ପୁଲିସ ଆଜି କୋର୍ଟ ଚାଲାଣ କରିଛି । ସେମାନଙ୍କ ଠାରୁ ଗୋଟିଏ ବନ୍ଧୁକ, ଦୁଇଟି ଭୁଜାଲି, ଗୋଟିଏ ରଡ୍, ଲଙ୍କା ପାଉଡର୍, ରଶି ଓ ମୋବାଇଲ ଜବତ କରାଯାଇଛି । ପୁଲିସ ସୂଚନା ମୁତାବକ, ମଙ୍ଗଳବାର ବିଳମ୍ବିତ ରାତିରେ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଇଦ୍‌ଗା ପଡ଼ିଆ ନିକଟରେ କିଛି ଯୁବକ ଏକତ୍ରିତ ହୋଇ କୌଣସି ବଡ଼ ଧରଣର ଅପରାଧ ଘଟାଇବା ପାଇଁ ଯୋଜନା କରୁଥିବା ସୂଚନା ପାଇ ଏସ୍‌ପି ଶ୍ରୀ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଟିମ୍ ଚଢ଼ଉ କରି ଏହି ୬ ଜଣଙ୍କୁ କାବୁ କରିଥିଲା । ଅଭିଯୁକ୍ତଙ୍କୁ ପଚରାଉଚରା ପରେ ସେମାନେ ସ୍ଥାନୀୟ ଏକ ପେଟ୍ରୋଲ ପମ୍ପରୁ ଡକାୟତି ଯୋଜନା କରୁଥିବା ସ୍ୱୀକାର କରିଥିଲେ ।

## ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ 'ମାଗୁଣିର ଶଗଡ଼' ମଞ୍ଚସ୍ଥ




ରାଉରକେଲା,୨୫।୧୨(ସମିସ): ସ୍ପନ୍ଦନ ଆୟୋଜିତ ସର୍ବଭାରତୀୟ ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟାକୁ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ତଥା ଶିଳ୍ପପତି ବ୍ରିଜ୍ ମୋହନ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଏକତ୍ର ପରିବାର ସଭାପତି ରାଜୀବ ପାଣି ଉପସ୍ଥିତ ଥିଲେ । ସମ୍ପାଦକ ଡ ସତ୍ୟ ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଭୁବନେଶ୍ୱରରୁ ଆସିଥିବା ବିଦ୍ୟା କନକ ସୃଜନ ଅନୁଷ୍ଠାନର କଳାକାର ବିଶିଷ୍ଟ ଗାଳ୍ପିକ ସ୍ୱର୍ଗତ ଗୋଦାବରୀଶ ମହାପାତ୍ରଙ୍କ ରଚିତ କାଳଜୟୀ ଗଳ୍ପ 'ମାଗୁଣିର ଶଗଡ଼' ମଞ୍ଚସ୍ଥ କରିଥିଲେ । ଯୁବ ନିର୍ଦ୍ଦେଶକ ଜଗଦୀଶ ପ୍ରସାଦ ମହାରଣାଙ୍କ ନିର୍ଦ୍ଦେଶିତ ତଥା ବିଶିଷ୍ଟ ନାଟ୍ୟକାର ନବୀନ ପରିଡ଼ାଙ୍କ ଏହି ନାଟକରେ ବିଭିନ୍ନ ଭୂମିକାରେ ଜଗଦୀଶ ପ୍ରସାଦ ମହାରଣା, ମାନସ କୁମାର ପରିଡ଼ା, ଶୁଭଙ୍କର ସାହୁ, ଅମରଦୀପ ମହାନ୍ତି, ଶୁଭଲକ୍ଷ୍ମୀ ରାଉତରାୟ, ଦେବାଶିଷ ରାଉତ, ସୂର୍ଯ୍ୟକାନ୍ତ ପାଣିଗ୍ରାହୀ, ବିଜୟ କୁମାର ସାହୁ, ରାଜେଶ ମହାନ୍ତି, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ଅଙ୍କିତା ଦେ, ପ୍ରିୟଙ୍କା ପାଣ୍ଡେ, କାଜଲ ରାଣୀ, ଜି ଜଗା ରାଓ, କୀର୍ତ୍ତି କେଶରୀ ମିଶ୍ର, ପ୍ରସନ୍ନ ଶତପଥୀ, ଅଧିକାରୀ ସାମଲ, ବିଜୟ କୁମାର ରାଉତ, ରାକେଶ କୁମାର ଶତପଥୀ ପ୍ରମୁଖ ଅଭିନୟ କରିଥିଲେ । ଶୁଭଙ୍କର ପାଢ଼ୀ, ନୟନ କିଶୋର ଜେନା, ଦେବରାଜ ଦାସ, ସୁନୀଲ କୁମାର ନାଥ, ରାଜେନ୍ଦ୍ର ବନ୍ଧ ମଞ୍ଚ ସଜ୍ଜା ତଥା ପରିଚାଳନାରେ ସହଯୋଗ କରିଥିଲେ ।

# ନ୍ୟାସନାଲ କଲେଜରେ ଯୁବଦିବସ

ନୂଆପଡ଼ା, ୨୫।୧୨(ସମିସ): ନ୍ୟାସନାଲ କଲେଜରେ ନେହେରୁ ଯୁବକେନ୍ଦ୍ର ତରଫରୁ ଜିଲ୍ଲାସ୍ତରୀୟ ଯୁବଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ମଧୁସୂଦନ ଦାଶ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ନେହେରୁ ଯୁବକେନ୍ଦ୍ରର ଯୁବ ସଂଯୋଜକ ପ୍ରସନ୍ନ ମେହେର ସ୍ୱାଗତ ଭାଷଣ ଓ ଅଧ୍ୟକ୍ଷ ହିତେଶ କୁମାର ସାହୁ, ଅଧ୍ୟାପକ ଦୁର୍ଲ୍ଲଭ ଚରଣ ବେହେରା, ଜିଲ୍ଲା କ୍ରୀଡ଼ାଧିକାରୀ ରାଜେନ୍ଦ୍ର ବଡ଼େଇ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଗତ ଦିନରେ ନ୍ୟାସନାଲ ୟୁଥ୍ ପାର୍ଲାମେଣ୍ଟରେ ନୂଆପଡ଼ା ଜିଲ୍ଲାକୁ ପ୍ରତିନିଧିତ୍ୱ କରିଥିବା ଅନ୍ୱେଷ ପାଢ଼ୀ ଏବଂ ନାସିକରେ ଅନୁଷ୍ଠିତ ଜାତୀୟ ୟୁଥ ଫେଷ୍ଟିଭାଲରେ ପେଣ୍ଟିଂରେ ତୃତୀୟ ସ୍ଥାନ ଅକ୍ତିଆର କରିଥିବା ହୀରାଲାଲ ରାଉତ, ଜୀବନରେ ୯୪ ଥର ରକ୍ତଦାନ କରିଥିବା ଶିକ୍ଷକ କିଶୋର କୁମାର ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଜ୍ଞାନ ମେଳା(ବ୍ୟକ୍ତିଗତ)ରେ ଏସ୍ ସୁଧିରଙ୍କ ପ୍ରକଳ୍ପ ପ୍ରଥମ ସ୍ଥାନ ଅକ୍ତିଆର କରିଥିବାବେଳେ ବିଜ୍ଞାନମେଳା(ଦଳଗତ)ରେ ଦିପ୍ତେଶ ସାହୁ ଏବଂ ସତ୍ୟନାରାୟଣ ଅହୀରଙ୍କ ପ୍ରକଳ୍ପ, ବିତର୍କରେ ଅନ୍ୱେଷ ପାଢ଼ୀ ପ୍ରଥମ, ଜାନକୀ ଦଣ୍ଡସେନା ଦ୍ୱିତୀୟ, ମୋବାଇଲ ଫଟୋଗ୍ରାଫିରେ କୌଶଳ ଚନ୍ଦ୍ରକାର, ପେଣ୍ଟିଙ୍ଗରେ ହରିଶ୍ଚନ୍ଦ୍ର ମାଝୀ, ଗ୍ରୁପ ଡ୍ୟାନ୍ସରେ ଆଇଟିଆଇ ଖରିଆରରୋଡ ପ୍ରଥମ ସ୍ଥାନ ଅକ୍ତିଆର କରିଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ ଅଧ୍ୟକ୍ଷତା କରିଥିବାବେଳେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ, ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଆଇନଜୀବୀ ପ୍ରସନ୍ନ କୁମାର ପାଢ଼ୀ, ଖରିଆରରୋଡ ଏନଏସି ଅଧ୍ୟକ୍ଷା ସୋନିଆ ଜୈନ, କଲେଜ ଅଧ୍ୟକ୍ଷ ହିତେଶ ସାହୁ ଓ ଅଧ୍ୟାପକ ଦୁର୍ଲ୍ଲଭ ଚରଣ ବେହେରା, ପ୍ରକାଶ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ଶଙ୍କର୍ଷଣ ପୁରୋହିତ, ସଚିନ ବାବୁ, ଶିବ ପ୍ରସାଦ ସା, ବିଶ୍ୱଜିତ କାଲଟା ମଞ୍ଚ ପରିଚାଳନା କରିଥିଲେ। ସାମ୍ବାଦିକତା କ୍ଷେତ୍ରରେ ଅବଦାନ ପାଇଁ ଜିଲ୍ଲା ସାମ୍ବାଦିକ ସଙ୍ଘ 'ଜାନ' ଓ 'ଏନଜେଡଏସଏସ'ର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ମୋଟ ୮ଟି ଦଳରେ ଯୁବବର୍ଗ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହାକୁ ସମସ୍ତେ ମନଭରି ମନୋରଞ୍ଜନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନେହେରୁ ଯୁବକେନ୍ଦ୍ରରୁ ମୁକେଶ କୁମାର ପାଣ୍ଡେ, ଯଶୋବନ୍ତ ହଂସ, ହିତେଶ କୁମାର ମେହେର, ଚୁଲମଣୀ ମାଝୀ, ଟିକେଶ୍ୱର ହଂସ ଓ ମିଳନ କୁମାର ଭୋଇ ପ୍ରମୁଖ ସହଯୋଗ କରିଥିଲେ।



# ସହାୟିକାଙ୍କ ଦୟାରେ ଅଙ୍ଗନବାଡ଼ି କେନ୍ଦ୍ର



- ଚୋର୍ନିଦୁଆର ଅଙ୍ଗନବାଡ଼ି କେନ୍ଦ୍ରରେ ଅବ୍ୟବସ୍ଥା
- ସହାୟିକାଙ୍କ ଘର ବାରଣ୍ଡା, ଅଗଣା ଭରସା
- ୧୦ ବର୍ଷ ତଳୁ ଆରମ୍ଭ ହୋଇଥିବା କୋଠା ସରିପାରୁନି



**କୋକସରା, ୨୫।୧୨(ସମିସ):** ସରକାରଙ୍କ ଅନୁଦାନରୁ ଲକ୍ଷ ଲକ୍ଷ ଟଙ୍କା ମିଳୁଥିଲେ ବି ଗ୍ରାମାଞ୍ଚଳରେ ଅବଧି ପୂର୍ବରୁ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ଶେଷ ହୋଇପାରୁନି। ଏହା ଫଳରେ କେଉଁଠି ଗଛ ମୂଳେ, କେଉଁଠି ଖୋଲା ଆକାଶ ତଳେ ଚାଲିଛି। ପୁଣି କେଉଁଠି କର୍ମୀ ଓ ସହାୟିକାଙ୍କ ଘରେ ଅଙ୍ଗନବାଡ଼ି କେନ୍ଦ୍ର ଚାଲୁଛି। ଏହାଫଳରେ ଆରମ୍ଭରୁ ହିଁ ଅନ୍ଧକାର ଭିତରେ ଠେଲି ହୋଇଯାଉଛି ଶିଶୁଙ୍କ ଭବିଷ୍ୟତ। କୋକସରା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ଥିବା ଚୋର୍ନିଦୁଆର ଅଙ୍ଗନବାଡ଼ି କେନ୍ଦ୍ରରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ଦୀର୍ଘ ୧୦ ବର୍ଷରୁ ଅଧିକ ହେବ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁ ନ ଥିବାରୁ କର୍ମୀଙ୍କ ସହାୟିକା ଘର ବାରଣ୍ଡାରେ ଖୋଲା ଆକାଶ ତଳେ କେନ୍ଦ୍ର ଚାଲୁଛି। ଏହି ଅଙ୍ଗନବାଡ଼ି କେନ୍ଦ୍ରରେ ମୋଟ ୩୯ ଜଣ ପ୍ରାକ୍ ବିଦ୍ୟାଳୟର ଶିଶୁ ରହିଛନ୍ତି। ୫ ଜଣ ପ୍ରସୂତୀ ମହିଳା, ୫ଜଣ ଗର୍ଭବତୀ ଓ ୬ ମାସରୁ ୩ ବର୍ଷର ଶିଶୁ ୩୩ ଜଣ ରହିଛନ୍ତି। ଏହି କେନ୍ଦ୍ର ଉପରେ କନକପୁର ଓ ଚୋର୍ନିଦୁଆର ଗ୍ରାମର ଲୋକେ ନିର୍ଭର କରନ୍ତି। ତେବେ ଦୀର୍ଘ ୧୦ ବର୍ଷରୁ ଅଧିକ ହେବ ମନରେଗା ଯୋଜନାରେ ୫ଲକ୍ଷ ଟଙ୍କା ଓ ବିଭିନ୍ନ ଅନୁଦାନରୁ ପ୍ରାୟ ୨ ଲକ୍ଷ ଟଙ୍କାରେ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ଆରମ୍ଭ ହୋଇଥିଲା; ହେଲେ ଆଜି ପର୍ଯ୍ୟନ୍ତ ତାହା ସମ୍ପୂର୍ଣ୍ଣ ହୋଇ ନ ପାରି ଅଧାପନ୍ତରିଆ ଭାବେ ପଡ଼ିରହିଛି। ଏହା ଫଳରେ ଅନେକ ଦିନଧରି ଗଛମୂଳ, ଖୋଲା ଆକାଶ ତଳେ କେନ୍ଦ୍ର ଚାଲି ଆସୁଥିଲା। ତେଣୁ ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ଏବେ ଅଙ୍ଗନବାଡ଼ି କର୍ମୀଙ୍କ ସହାୟିକା ଘରେ କେନ୍ଦ୍ର ଚାଲୁଛି। ସହାୟିକାଙ୍କ ଘରେ ମଧ ଉପଯୁକ୍ତ ସ୍ଥାନ ହେଉନାହିଁ। ଏହା ଫଳରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହି ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ କାର୍ଯ୍ୟ ନିମନ୍ତେ ଅନେକ ସମୟରେ ଅନୁଦାନ ଆସିବା ସତ୍ତ୍ୱେ ବର୍ଷ ବର୍ଷ ଧରି ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଏହାକୁ ନେଇ ବାରମ୍ବାର ଗ୍ରାମବାସୀ ସିଡିପିଓଙ୍କଠାରୁ ଆରମ୍ଭ କରି ବିଡ଼ିଓ ଏମିତି ଜିଲ୍ଲାପାଳ ଓ ବିଧାୟକଙ୍କୁ ଜଣାଇ ଆସିଥିଲେ ମଧ କାହାରି ଦୃଷ୍ଟି ପଡ଼ି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଶୀଘ୍ର କେନ୍ଦ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ ନ ହେଲେ ଆନ୍ଦୋଳନ କରିବାକୁ ଛୋର୍ନିଦୁଆର ଗ୍ରାମର ବିଭୁତି ପୋଟା, ୱାର୍ଡ଼ମେମ୍ବର ରାମେଶ୍ୱର ପୋଟା, ଗୋଲ ଗୋବିନ୍ଦ ବାଗ, ଅଭିନବ ବାଗ, ବଂଶୀଧର ମାଝୀ, ପୁରୋହିତ ପୋଟା, ବାସନ୍ତୀ ମାଝୀ, ବିଷ୍ଣୁପ୍ରିୟା ପୋଟା, ହେମଲତା ମାଝୀ, କେତକୀ ମାଝୀ, ନିରାଶ ବାଗ, ମାସୁରୀ ମାଝୀ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ତେବେ ଏ ନେଇ କୋକସରା ବିଡିଓ ହିମାଞ୍ଚଳ ମାଝୀ ଏବଂ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲଙ୍କ ମତାମତ ନେବାରୁ ପଞ୍ଚାୟତରୁ ବର୍ତ୍ତମାନ ପୁଣି ୧ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। ଖୁବଶୀଘ୍ର ଅଙ୍ଗନବାଡ଼ି କେନ୍ଦ୍ର ସମ୍ପୂର୍ଣ୍ଣ କରାଯିବା ଦିଗରେ ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।

# ସୁଶାସନ ଦିବସରେ ମନେପଡ଼ିଲେ ବାଜପେୟୀ





**ଭବାନୀପାଟଣା, ୨୫।୧୨(ସମିସ):** କଳାହାଣ୍ଡି ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ ହୋଇଛି। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳବିହାରୀ ବାଜପାୟୀଙ୍କ ଜୟନ୍ତୀ ଅବସରରେ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ ଅଧ୍ୟକ୍ଷତା କରିଥିଲେ। ଏହି ଉପଲକ୍ଷେ ଜିଲ୍ଲା ପ୍ରଶାସନ ତରଫରୁ ବିଦ୍ୟାଳୟ, ମହାବିଦ୍ୟାଳୟସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଟଳ ବିହାରୀ ବାଜପେୟୀଙ୍କ ଆଦର୍ଶ ଜୀବନୀ, ଦେଶଭକ୍ତି ସମ୍ପର୍କରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଭାପୂର୍ବରୁ କୁଳପତି ପ୍ରଫେସର ସଞ୍ଜୟ ଶତପଥୀଙ୍କ ଅକାଳ ବିୟୋଗରେ ସମସ୍ତେ ଗଭୀର ଦୁଃଖ ପ୍ରକାଶ କରିବା ସହିତ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସାଂସଦ ମାଳବିକା ଦେବୀ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଭାରପ୍ରାପ୍ତ କୁଳପତି ନିବେଦିତା ନାଥ, କୁଳସଚିବ ପିତାମ୍ବର ଭୋଇ, ଉପକୁଳସଚିବ ଜୟଦେବ ସାହୁ, ବରିଷ୍ଠ ସାମ୍ବାଦିକ ଉମାଶଙ୍କର କର, ଅଧ୍ୟାପକ ତପନ ରଥ, ସତ୍ୟ ନାରାୟଣ ମୁଣ୍ଡଛିନ୍ନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିଗଣ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ତାଙ୍କର ଆଦର୍ଶ ଜୀବନୀ ଉପରେ ଆଲୋକପାତ କରିଥିଲେ। କବି, କବିୟତ୍ରୀମାନେ ବାଜପେୟୀଙ୍କ ଆଦର୍ଶ ଜୀବନୀ, ଦେଶାତ୍ମବୋଧକ ସମ୍ପର୍କରେ ସ୍ୱରଚିତ କବିତା ପଠନ କରିଥିଲେ। କବିତା ପାଠ ଉତ୍ସବରେ ଅଧ୍ୟାପକ କବି ତପନ ରଥ, ସନ୍ତୋଷ ରଥ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂହ ରାଉତ ସହଯୋଗ କରିଥିଲେ। ଏଥିରେ କବି କବୟତ୍ରୀଙ୍କୁ ସମ୍ବର୍ଦ୍ଧନା, ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା।

**ନୂଆପଡ଼ା:** ଜିଲ୍ଲା ପ୍ରଶାସନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ ତଥା ଜିଲ୍ଲାସ୍ତରୀୟ ସୁଶାସନ ଦିବସ ସ୍ଥାନୀୟ ସଦଭାବନା ସଭାଗୃହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବରିଷ୍ଠ ଆଇନଜୀବୀ ପ୍ରସନ୍ନ ପାଢ଼ୀ, ସିଭିଲ୍ ବାର ଆସୋସିଏସନର ସଭାପତି ସୁଶାନ୍ତ ପତି, ବରିଷ୍ଠ ନାଗରିକ ସଂଘ ସଭାପତି କ୍ଷିରୋଦ ନିବାସ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଗୁରୁପ୍ରସାଦ ଜେନା, ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ପ୍ରମୁଖ ଯୋଗ ଦେଇଥିଲେ। ୩୦ ଜଣ କବି କବୟିତ୍ରୀ ତଥା ଛାତ୍ରଛାତ୍ରୀ ବାଜପେୟୀଙ୍କ ଲିଖିତ ବିଭିନ୍ନ ଦେଶାତ୍ମବୋଧକ କବିତା ପାଠ କରିଥିଲେ। ସମସ୍ତ କବିମାନଙ୍କୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ନବୋଦିତ୍ୟ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ବାଜପେୟୀଙ୍କ ଜୀବନୀ ଉପରେ ବକ୍ତୃତା ପ୍ରଦାନ କରିଥିଲେ। ଡେପୁଟି କଲେକ୍ଟର ଆଲୋକ ଅନୁଗୁଳିଆ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ମାହାର, ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିଲା। ସଭାକୁ ବରିଷ୍ଠ ରାଜସ୍ୱ ସହାୟକ ବିଭୁଦତ୍ତ ମିଶ୍ର ସଂଯୋଜନା କରିଥିଲେ।

**କୋମନା:** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଇଚ୍ଛାପୁରସ୍ଥିତ ଡାକବଙ୍ଗଳା ପ୍ରାଙ୍ଗଣରେ ପାତାଳେଶ୍ୱର ମଣ୍ଡଳ ସଭାପତି ଚନ୍ଦନ ଠାକୁରଙ୍କ ସଭାପତିତ୍ୱରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ପ୍ରଧାନମନ୍ତ୍ରୀ ରାସ୍ତାରେ ପରିକ୍ରମା ହୋଇଥିଲା। ଏଥିରେ ବରିଷ୍ଠ ବିଜେପି ନେତା ଦୁର୍ଲଭ ବିଶ୍ୱାଳ, ରଞ୍ଜିତ ଦଣ୍ଡସେନା, ଶତ୍ରୁଘ୍ନ ସ୍ୱାଇଁ, ଲୋକନାଥ ସିନ୍ଧୁର, ସହଦେବ ପ୍ରଧାନ ଓ ମାନସ ରଥ ପ୍ରମୁଖ କର୍ମୀ ସାମିଲ ହୋଇଥିଲେ।

■ ଆଜାଦ ହିନ୍ଦ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସୁନାଦେଇ ୱାରିୟରକୁ ହରାଇ ଘୋଟସର ବିଜୟୀ

**କୋମନା, ୨୫।୧୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଟିକ୍ରାପଡ଼ାସ୍ଥିତ ଶ୍ରୀ ଜଗନ୍ନାଥ ହାଇସ୍କୁଲ ଖେଳପଡ଼ିଆରେ ୧୭ ତମ ଆଜାଦ ହିନ୍ଦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ସୁନାଦେଇ ୱାରିୟରକୁ ହରାଇ ଘୋଟସର ବିଜୟୀ ହୋଇଛି। ମୁଖ୍ୟଅତିଥି ଭାବେ ଟିକ୍ରାପଡ଼ା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ପ୍ରସନ୍ନ ତାଣ୍ଡି ଓ ସମ୍ମାନୀତ ଅତିଥି ଭାବେ ମେମ୍ବର ଜଶୋବନ୍ତ ଶବର, ଶିକ୍ଷକ ସୁରେଶ ଦଣ୍ଡସେନା, ବରିଷ୍ଠ ଖେଳାଳି ସନ୍ତୋଷ ଦଳପତି ପ୍ରମୁଖ ଯୋଗଦେଇ ଟୁର୍ଣ୍ଣା।ମେଣ୍ଟ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚରେ ଘୋଟସର ଟସ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୯୫ ରନ କରିଥିଲା। ଜବାବରେ ସୁନାଦେଇ ୱାରିୟର ୯୨ ରନ କରି ପରାସ୍ତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ଘୋଟସର-ବି ଓ ଜେଠୁପାଲି ୱାଇଲ୍ଡ ଫାୟାର ମଧ୍ୟରେ ଖେଳ ହୋଇଥିଲା। ଘୋଟସର ବି ବ୍ୟାଟିଂ କରି ୧୧୫ ରନ କରିଥିଲା। ଜବାବରେ ୱାଇଲ୍ଡ ଫାୟାର ୮୫ ରନ କରି ପରାସ୍ତ ହୋଇଥିଲା। ମ୍ୟାଚ ପରିଚାଳନା ସନ୍ତୋଷ ସଗରିଆ ଓ ଗୁଡୁ ମାଝୀ ଦାୟିତ୍ୱ ବହନ କରିଥିବା ବେଳେ ଆୟୋଜକ ସଭାପତି ଅନୁରାଗ ବଉକ, ସମ୍ପାଦକ ଅଭିନାଶ ଦଣ୍ଡସେନା, କୋଷାଧ୍ୟକ୍ଷ ରାକେଶ ଶବର, ମନମୋହନ ନାଗ, ଦିପକ ଶବର, ନେପାଳ ହଂସ ପ୍ରମୁଖ ସହଯୋଗ କରିଥିଲେ।



## ସ୍ମାରକୀ ଜାତୀୟ ନାଟକ ମହୋତ୍ସବ-୨୦୨୪ ଉଦ୍‌ଯାପିତ

# 'ଜାତି ନନ୍ଦିଘୋଷ' ବର୍ଣ୍ଣନା କଳା ଭାଷା ପାଇଁ ସଂଘର୍ଷ

- ଦର୍ଶକଙ୍କୁ ବାନ୍ଧିରଖିଲା କଳାକାରଙ୍କ ଜୀବନ୍ତ ଅଭିନୟ
- ଦର୍ଶକଙ୍କ ଭିଡ଼ ଏବଂ କରତାଳି କଳାକାରଙ୍କୁ ଉତ୍ସାହିତ କଲା
- ନାଟ୍ୟଶିଳ୍ପୀ ବସନ୍ତ ପଣ୍ଡା, ମନୋଜ ଶର୍ମା, କାହ୍ନୁ ଚରଣ ଗଡଡ ଏବଂ ଯୁବଶିଳ୍ପୀ ଆଶୁତୋଷ ପୁରୋହିତ ସମ୍ବର୍ଦ୍ଧିତ
- ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ ଶତପଥୀଙ୍କ ପରଲୋକରେ ଶୋକ



ଭବାନୀପାଟଣା, ୨୫।୧୨(ସମିସ): ମାତୃଭାଷା ହିଁ ପ୍ରତ୍ୟେକ ସ୍ୱାଭିମାନୀ ବ୍ୟକ୍ତିର ପରିଚୟ। ନିଜ ଭାଷା ପ୍ରତି ଶ୍ରଦ୍ଧାଶୀଳ ହେବା ସମସ୍ତଙ୍କ ପରମ କର୍ତ୍ତବ୍ୟ। ତେବେ ଆଜି ବିପନ୍ନ ଓଡ଼ିଆ ଭାଷାର ସୁରକ୍ଷା ଆମ ପାଇଁ ସବୁଠାରୁ ବଡ଼ ଆହ୍ୱାନ। ସ୍ମାରକୀ ନାଟ୍ୟ ସଂସ୍ଥା ତରଫରୁ ସ୍ଥାନୀୟ ଟାଉନ୍ ହଲ୍‌ରେ ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ ସ୍ମାରକୀ ଜାତୀୟ ନାଟକ ମହୋତ୍ସବ-୨୦୨୪ର ଉଦ୍‌ଯାପନୀ ଉତ୍ସବରେ ଏହି ମତ ପ୍ରକାଶ ପାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ନାଟକ 'ଜାତି ନନ୍ଦିଘୋଷ' ମଞ୍ଚସ୍ଥ ହୋଇଥିଲା। ନିଜ ଭାଷାକୁ ବଞ୍ଚାଇବା ପାଇଁ ଓଡ଼ିଆର ସଂଘର୍ଷ ଏଥିରେ ପ୍ରତିଫଳିତ ହୋଇଛି।

ମୁଖ୍ୟ ଅତିଥି ଭାବେ ଜୁନାଗଡ଼ ବିଧାୟକ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର, ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ପ୍ରଫେସର ସତ୍ୟବ୍ରତ ରାଉତ, କବୟିତ୍ରୀ ଅଭିନେତ୍ରୀ ମମତା ତ୍ରିପାଠୀ ଏବଂ କଳାକାର ପ୍ରଭାସ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସ୍ମାରକୀ ନାଟ୍ୟ ସଂସ୍ଥାର ସଭାପତି ପ୍ରବୋଧ ରଥ ସଭାପତିତ୍ୱ କରିଥିଲେ। ନାଟକ କ୍ଷେତ୍ରରେ କଳାହାଣ୍ଡି ମାଟିକୁ ବିଶେଷ ଅବଦାନ ପାଇଁ ବରିଷ୍ଠ ନାଟ୍ୟଶିଳ୍ପୀ ବସନ୍ତ ପଣ୍ଡା, ମନୋଜ ଶର୍ମା, କାହ୍ନୁ ଚରଣ ଗଡଡ ଏବଂ ଯୁବଶିଳ୍ପୀ ଆଶୁତୋଷ ପୁରୋହିତ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲିପ୍ସା ମହାରଣା ମନ୍ତ୍ରପାଠ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ ଶତପଥୀଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଭୁବନେଶ୍ୱର ବାଗଦେବୀ ଲିଟରେଚର ଟ୍ରଷ୍ଟର କଳାକାରମାନଙ୍କ ଦ୍ୱାରା ପରିବେଷିତ ଏହି ନାଟକକୁ ବିଶିଷ୍ଟ ନାଟ୍ୟକାର ଶଙ୍କର ତ୍ରିପାଠୀ ରଚନା କରିଥିବା ବେଳେ ପ୍ରବୋଧ ରଥ ନିର୍ଦ୍ଦେଶନା ଦେଇଥିଲେ। ଏଥିରେ ମାନୁ ପଟ୍ଟନାୟକ, ସୁନୀଲ ପଟ୍ଟନାୟକ, ଦୀପାଞ୍ଜଳି ମହାନ୍ତି, ରାଜେଶ ମହାନ୍ତି, ଦେବେନ୍ଦ୍ର, ସିଦ୍ଧାନ୍ତ, ସାଇସ୍ୱରୂପ, କାଜଲ, ସୂର୍ଯ୍ୟ ଯାମିନୀ ମିଶ୍ର, କୃଷ୍ଣ ଚନ୍ଦ୍ର ମିଶ୍ର ପ୍ରମୁଖ ଅଭିନୟ କରିଥିଲେ। ଏହି ନାଟକରେ ଶକ୍ତି ପ୍ରସାଦ ମିଶ୍ର ସଙ୍ଗୀତ ନିର୍ଦ୍ଦେଶନା ଦେଉଥିବାବେଳେ ନୃତ୍ୟରେ ରୁବି ହାତୀ ସହାୟତା କରିଥିଲେ। ବେଶ ପୋଷାକରେ ହରି ସହାୟତା କରିଥିଲେ। ପି. ତ୍ରିପାଠୀ ଆଲୋକ ପରିଚାଳନା କରିଥିଲେ। ପୋଷାକରେ ମାମା ସହାୟତା କରିଥିଲେ। ନାଟକଟି ବେଶ୍ ହୃଦୟସ୍ପର୍ଶୀ ହେବା ସହ କଳାକାରଙ୍କ ଅଭିନୟ ଶେଷଯାଏଁ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଦର୍ଶକଙ୍କ ଭିଡ ଏବଂ କରତାଳି କଳାକାରଙ୍କୁ ଉତ୍ସାହିତ କରିଥିଲା।

ବରିଷ୍ଠ ମଞ୍ଚ ଉପସ୍ଥାପକ ଶୁଭେନ୍ଦୁ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଧ୍ୟାନାନନ୍ଦ ପଣ୍ଡା, ଦେବୀ ପ୍ରସାଦ ରଥ, ବିରଞ୍ଚି ନାରାୟଣ ମୁଣ୍ଡ, ରାଜେଶ ଦାଶ, ସୌରଭ ମହାପାତ୍ର, ଆଶୁତୋଷ ପୁରୋହିତ, ଆଲୋକ ସାହୁ, ରାମେଶ୍ୱର ତ୍ରିପାଠୀ, ଶୁଭମ୍ ବେହେରା, ଦୀପ୍ତିମୟୀ ସିଂ, ତଥାଗତ ମିଶ୍ର, ସୌମ୍ୟରଞ୍ଜନ ଜେନା, ଶିବଶକ୍ତି ପୁରୋହିତ, ଦୀପକ ଶର୍ମା, ବିକାଶ ରଞ୍ଜନ ମୁଣ୍ଡ, ଅମରେନ୍ଦ୍ର ମହାନ୍ତି, ଶୁଭାଶିଷ ମହାପାତ୍ର, ଆର୍ଯ୍ୟା ନାୟକ, ପ୍ରିୟଙ୍କା ପଟ୍ଟନାୟକ, ଶାଳିନୀ ମହାପାତ୍ର, ସୁଶୀଲ ଆଚାର୍ଯ୍ୟ, ଅବିନାଶ ଅଗସ୍ତି, ଦୀପକ ଶର୍ମା, ଗୋପିଧର ନାୟର, ପୁଷ୍ପାଞ୍ଜଳି ଦୀପ, ଲିପ୍ସା ମହାରଣା, ପ୍ରଜ୍ଞା ପରିମିତା ନାୟକ, ଲିପ୍ସାରାଣୀ ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲାପାଳଙ୍କଠୁ ନିରାଶହେଲେ ଗଡ଼ଫସଫେଡ଼ିର ଚାଷୀ

**ଶଗଡ଼ା, ୨୫ ।୧୨(ସମିସ):** ଗଭୀର ନଳକୂପରେ ବିଦ୍ୟୁତ ସଂଯୋଗ ହୋଇନି। ମୋଟର ମଧ୍ୟ ଲାଗିନି। ଥିବାରୁ ଏହାର ସମାଧାନ ନେଇ ଗଡ଼ଫସଫେଡ଼ି ଗ୍ରାମର ଚାଷୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ କିନ୍ତୁ ନିଜର ଅସହାୟତା ପ୍ରକାଶ କରିଛନ୍ତି। ବରଂ ବିଧାୟକଙ୍କୁ ଭେଟି ଅଭିଯୋଗ କରିବାକୁ ପରାମର୍ଶ ଦେଇଛନ୍ତି।



**କାମରେ ଲାଗୁନି ଗଭୀର ନଳକୂପ**

**ବିଦ୍ୟୁତ୍ ସଂଯୋଗ ହୋଇନାହିଁ**

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଲମ୍ବସରୀ ପଞ୍ଚାୟତ ଗଡ଼ଫସଫେଡ଼ି ଗ୍ରାମରେ ଗଭୀର ନଳକୂପ ବାଟବଣା ହୋଇଛି। ଗଭୀର ନଳକୂପ ଖନନ ହେବାର ୪ବର୍ଷ ପରେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇ ନ ଥିବା ଅଭିଯୋଗ ହେଉଛି। ଚାଷୀମାନେ ଗଭୀର ନଳକୂପ ଖନନ ପାଇଁ ଧାର କରଜ କରି ଟଙ୍କା ଜମା କରି ହାତବାନ୍ଧି ନିରାଶାରେ ବସିଛନ୍ତି। ଏହାକୁ ନେଇ ଚାଷୀମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ୪ବର୍ଷ ହେଲା ଖୋଲାଯାଇଥିବା ଗଭୀର ନଳକୂପ ଅଧାପନ୍ତରିଆ ଭାବେ ପଡ଼ିରହିଛି। ନଳକୂପ ଖୋଳା ଯାଇଛି; କିନ୍ତୁ ମୋଟର ବସିନାହିଁ କି ବିଦ୍ୟୁତ୍ ମଧ୍ୟ ସଂଯୋଗ ହୋଇ ନାହିଁ। କେବଳ ବିଦ୍ୟୁତ୍ ଖୁଣ୍ଟ ପୋତା ଯାଇଛି ତାର ଟଣା ଯାଇ ନାହିଁ କି ଟ୍ରାନ୍ସଫର୍ମ ବି ବସିନାହିଁ। କ୍ଷେତରେ ଖୋଳା ଯାଇଥିବା ନଳକୂପ ପୋତି ହେବାକୁ ବସିଲାଣି। କ୍ଷେତରେ ପାଣି ଆବଶ୍ୟକ ଥିବା ବେଳେ ଚାଷୀ ମରୁଡ଼ି ସମସ୍ୟା ସାମ୍ନା କରିବାକୁ ପଡୁଛି। ସରକାର ଚାଷୀଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଏଭଳି ସମସ୍ୟା ଦେଖାଯାଉଥିବା ଅଭିଯୋଗ ହୋଇଛି। ଚାଷୀ ସତ୍ୟବାଦୀ ପ୍ରଧାନଙ୍କ ନେତୃତ୍ୱରେ ହିତାଧିକାରୀ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଚାଷୀଙ୍କ ସମସ୍ୟାର ସମାଧାନ କରିବା ପାଇଁ ଚାଷୀ ଦାବି କରିଛନ୍ତି। ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ଜିଲ୍ଲାପାଳ ଅସହାୟ ପ୍ରକାଶ କରିବା ସହ ବିଧାୟକଙ୍କ ନିକଟକୁ ଯାଇ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିବା ଚାଷୀ କହିଛନ୍ତି।

**ମୌଳିକ ସୁବିଧାରୁ ବଞ୍ଚିତ**

# ଗୋଲାବେଡ଼ା ଗାଁକୁ ଛୁଇଁପାରିନି ବିକାଶ

**ସିନାପାଲି, ୨୫।୧୨(ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ନଙ୍ଗଲବୋର୍ଡ଼ ପଞ୍ଚାୟତର ଦୁର୍ଗମ ସୀମାନ୍ତ ଅଞ୍ଚଳରେ ଗୋଲାବେଡ଼ା ଗାଁ ଅବସ୍ଥିତ। ଏବେ ବି ଏହି ଗାଁ ମୌଳିକ ସୁବିଧାରୁ ବଞ୍ଚିତ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜଳ, ବିଦ୍ୟୁତ୍, ଶିକ୍ଷା, ରାସ୍ତା ଓ ସ୍ୱାସ୍ଥ୍ୟ ସୁବିଧାରୁ ବଞ୍ଚିତ ହୋଇ ଗାଁ ଲୋକ ବହୁ କଷ୍ଟରେ କାଳାତିପାତ କରୁଛନ୍ତି। ସରକାରୀ ସୁବିଧାରୁ ବଞ୍ଚିତ ହୋଇ ଅଭିଶପ୍ତ ଜୀବନ କାଟୁଛନ୍ତି ବୋଲି ଗ୍ରାମବାସୀ କ୍ଷୋଭର ସହ କହିଛନ୍ତି। ପ୍ରଶାସନର ଉଦାସୀନତା ମନୋଭାବ ଯୋଗୁଁ ଗାଁକୁ ବିକାଶ ଛୁଇଁ ପାରିନାହିଁ ଏବଂ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନର ନଜର ପଡୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପାହାଡି ଗାଁ ଗୋଲାବେଡ଼ା ଘଞ୍ଚ ଜଙ୍ଗଲ ପରିବେଶ ମଧ୍ୟରେ ଅବସ୍ଥିତ। ଏଠାରେ ଆଦିବାସୀ ଓ ପହରିଆ ଜନଜାତିର ଲୋକେ ବସବାସ କରୁଛନ୍ତି। ଏକ ଅଣ ରାଜସ୍ୱ ଗ୍ରାମ ହୋଇଥିବା ବେଳେ ୨୦୦ରୁ ଅଧିକ ଜନସଂଖ୍ୟା ସେଠାରେ ବସବାସ କରନ୍ତି। ସମସ୍ତେ ଗରୀବ ଶ୍ରେଣୀର ହୋଇଥିବା ବେଳେ ଆଜି ବି ଦାରିଦ୍ର୍ୟ ସୀମାରେଖା ତଳେ ରହି ଜୀବନଯାପନ କରୁଛନ୍ତି। ବଣଜଙ୍ଗଲ କୋଳରେ ଆଶ୍ରୟ ନେଇ ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କରି ଜୀବିକାନିର୍ବାହ କରୁଛନ୍ତି। ଏହି ଗାଁର ଲୋକେ ଜଙ୍ଗଲ ଜମିକୁ ଦଖଲ କରି ପୁରୁଷାନୁକ୍ରମେ ପାରମ୍ପରିକ ଭାବରେ ଚାଷବାସ କରି ଯାହା ଉପାର୍ଜନ କରନ୍ତି ସେଥିରେ ପରିବାର ଚଳାନ୍ତି। ସେତିକିରେ ବି ପରିବାର ଚଳାଇବା କଷ୍ଟକର ହୋଇପଡ଼େ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମରେ ଆଜି ବି ଅନେକ ଲୋକଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇ ନାହିଁ ଯାହା ଫଳରେ ଭଙ୍ଗା, ଦଦରା ତଥା ଝଟିମାଟି କୁଡିଆରେ ପଲିଥିନ ତଳେ ଦୁଃସ୍ଥ ଜୀବନଯାପନ କରୁଛନ୍ତି। ସେହିପରି ଗ୍ରାମରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଦୁଇ ବର୍ଷ ପୂର୍ବେ ଗ୍ରାମର ସୋଲାର ପମ୍ପ ଯୋଗେ ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ ପାଇଁ ଏକ ନଳକୂପରେ ସଂଯୋଗ କରାଯାଇଥିଲା। ହେଲେ ଏହା ଏବେ ଖରାପ ହୋଇ କାମକୁ ଆସୁନି। ଫ୍ଲୋରାଇଡ ବହୁଳ ଅଞ୍ଚଳ ହୋଇଥିବା ବେଳେ ବାଧ୍ୟ ହୋଇ ଗୋଟିଏ ନଳକୂପର ପାଣି ବ୍ୟବହାର କରିବା ପାଇଁ ସେମାନେ ବାଧ୍ୟ ହେଉଛନ୍ତି। ତାହାବି ଗ୍ରୀଷ୍ମ ଋତୁରେ ଶୋଷ ମେଣ୍ଟାଇ ପାରେନି ବୋଲି ଗ୍ରାମବାସୀ ମତପ୍ରକାଶ କରିଛନ୍ତି। ଗ୍ରାମକୁ ଆଜି ପର୍ଯ୍ୟନ୍ତ ଭଲ ରାସ୍ତା ଟିଏ ନାହିଁ। ଜଙ୍ଗଲି ପଥର ରାସ୍ତା ଉପରେ ନିର୍ଭର କରନ୍ତି। ରାସ୍ତା ଉପରେ ଅନେକ ଛୋଟ ବଡ଼ ନାଳ ରହିଛି। ଯାହାଫଳରେ ଅନେକ ସମୟରେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଗ୍ରାମରେ ଅନେକ ଶିଶୁ ପ୍ରାକ୍ ଶିକ୍ଷାରୁ ବଞ୍ଚିତ ହୋଇ ରହିଛନ୍ତି। ମିନି ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପନ ପାଇଁ ପ୍ରଶାସନ ନିକଟରେ ଦାବି କରି ଆସୁଥିଲେ ମଧ୍ୟ ଶୁଣିବାକୁ କେହି ନାହାନ୍ତି ବୋଲି କ୍ଷୋଭର ସହ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୩ କିଲୋମିଟର ଦୂରରେ ନଙ୍ଗଲବୋର୍ଡ ଅଧୀନରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ଜଙ୍ଗଲି ରାସ୍ତାରେ ଶିଶୁମାନଙ୍କୁ ନେବା ଆଣିବା ଅସମ୍ଭବ ହୋଇପଡ଼ିଛି। ଗ୍ରାମରେ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇ ପାରିନାହିଁ। ଅନ୍ଧାରୀ ମୂଳକରେ ରହି ଅନ୍ଧାରୀ ଜୀବନ ବିତାଉଛନ୍ତି। ବିଦ୍ୟୁତ ସଂଯୋଗ ହୋଇ ନ ଥିବାରୁ ମୋବାଇଲ ସେବା ପାଇବାରେ ବଞ୍ଚିତ ହୁଅନ୍ତି। ଛତିଶଗଡ଼ ଓ ଓଡ଼ିଶାର ଶେଷ ସୀମାରେ ଅବସ୍ଥିତ ଏହି ଗାଁରେ ଅନେକ ସମସ୍ୟା ରହିଛି। ହେଲେ ପ୍ରଶାସନିକ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ସମସ୍ୟା ଭିତରେ ବୁଡ଼ି ରହିଛନ୍ତି ଗ୍ରମବାସୀ। ଗ୍ରାମର ଅନେକ ବିଧବା ଓ ବୃଦ୍ଧବୃଦ୍ଧା ଭତ୍ତା ଏବେବି ଭତ୍ତା ଅପେକ୍ଷାରେ ରହିଛନ୍ତି। ବର୍ଷ ଧରି ମୌଳିକ ସୁବିଧାରୁ ବଞ୍ଚିତ ଥିବା ସୀମାନ୍ତ ଗୋଲାବେଡ଼ା ବାସୀଙ୍କ ବିଭିନ୍ନ ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇ ପଡ଼ିଛି ବୋଲି ଗ୍ରାମବାସୀ ପ୍ରଶାସନ ନିକଟରେ ଆକୁଳ ନିବେଦନ କରିଛନ୍ତି। ଏସମ୍ପର୍କରେ ନଙ୍ଗଲବୋର୍ଡ ସରପଞ୍ଚ ଜଗଦୀଶ ମାଝୀଙ୍କୁ ପଚାରିବାରୁ ଏହି ଗାଁ ରାସ୍ତା ପାଇଁ ମନରେଗା ଯୋଜନାରେ ସାମିଲ କରାଯିବ ଓ ବିଧବା ଭତ୍ତା ପାଇଁ ଡାକ୍ତରମାନଙ୍କ ଦ୍ୱରା ଦିଆଯାଉଥିବା ମୃତ୍ୟୁ ପ୍ରମାଣପତ୍ର ବିଳମ୍ବ ଯୋଗୁଁ ଭତ୍ତା ପାଇବାରୁ ବିଳମ୍ବ ହୋଇଛି ଓ ପାନୀୟ ଜଳ ସମସ୍ୟା ଦୂର ପାଇଁ ଜଳ ଓ ପରିମଳ କନିଷ୍ଠ ଯନ୍ତ୍ରୀଙ୍କୁ ଜଣାଇଛି ବୋଲି ମତପ୍ରକାଶ କରିଛନ୍ତି।



# ଚୋରି ପରେ ଖାଁ ଖାଁ ଲାଗୁଛି ମା'ଙ୍କ ମୁହଁ

**ସୋନପୁର, ୨୫।୧୨(ସମିସ):** ସାଧାରଣତଃ ଆମର କୌଣସି ଜିନିଷ ହଜିଗଲେ ଆମକୁ ଭଲଲାଗେ ନାହିଁ, ଆମେ ମୁହଁ ଶୁଖାଇ ବସିଥାଉ।







**ଘଟଣାରେ ଜଡ଼ିତ ବ୍ୟକ୍ତିଙ୍କୁ ଗିରଫ ଦାବି**

ଆଜି ମା' ମାଣିକେଶ୍ୱରୀଙ୍କ ମୁହଁ ଠିକ୍ ସେମିତି ଲାଗୁଛି। ବିନା ଅଳଙ୍କାରରେ ମା'ଙ୍କ ମୁହଁ ଖାଁ ଖାଁ ଲାଗୁଛି। ପୂର୍ବ ଭଳି ମା'ଙ୍କ ମସ୍ତକରେ ଶୋଭା ପାଉଥିବା ମୁକୁଟ ଏବଂ ବେକରେ ରୂପା ମାଳ ନାହିଁ। ସୋମବାର ରାତିରେ ମା'ଙ୍କ ଅଳଙ୍କାର ଚୋରି ହୋଇଥିବାରୁ ଏହି ଅବସ୍ଥା ସୃଷ୍ଟି ହୋଇଛି। ମା'ଙ୍କ ଏଭଳି ରୂପ ଦର୍ଶନ କରି ଭକ୍ତମାନେ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। ସୂଚନା ଯୋଗ୍ୟ ସୋମବାର ରାତିରେ ସୋନପୁର-ମନମୁଣ୍ଡା ରାସ୍ତାରେ ପୂଜା ପାଉଥିବା ମା' ମାଣିକେଶ୍ୱରୀ ମନ୍ଦିରର ତାଲା ଭାଙ୍ଗି ଦୁର୍ବୃତ୍ତ ମାନେ ବହୁ ସୁନା ଗହଣା ଚୋରି କରି ନେଇଛନ୍ତି। ମନ୍ଦିରର ଭିତର ଫାଟକର ଦୁଇଟି ତାଲା ଭାଙ୍ଗିବା ସହ ଦୁଇଟି କିଳିଣି ତାଡି ଦୁର୍ବୃତ୍ତମାନେ ମା'ଙ୍କ ସୁନା ମଥାମଣି, ରୂପା ମୁକୁଟ ଏବଂ ଦୁଇଟି ରୂପା ମାଳି ଚୋରି କରି ନେଇଛନ୍ତି। ତେବେ ମାଙ୍କ ରୂପା ଆଖି ତାଡ଼ି ରୂପା ତ୍ରିଶୂଳ ସହ ମନ୍ଦିର ଭିତରେ ଥୋଇ ଚମ୍ପଟ ମାରିଥିଲେ। ମନ୍ଦିରରୁ ଚୋରି ଘଟଣାରେ ଜଡ଼ିତ ଥିବା ଅଭିଯୁକ୍ତମାନଙ୍କୁ ଶୀଘ୍ର ଧରି ଗିରଫ କରିବାସହ ଚୋରି ସାମଗ୍ରୀ ଉଦ୍ଧାର କରିବା ପାଇଁ ସ୍ଥାନୀୟ ଅଧିବାସୀମାନେ ଦାବି କରିଛନ୍ତି।

# ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା

**ଟିଟିଲାଗଡ଼, ୨୫ ।୧୨(ସମିସ):** ସ୍ଥାନୀୟ ସେଣ୍ଟ ଜେଭିଅର୍ସ ପବ୍ଲିକ୍ ସ୍କୁଲରେ ବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି। ସ୍କୁଲର ପ୍ରତିଷ୍ଠାତା ସତ୍ୟବ୍ରତ ପଣ୍ଡା ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ମେଳାରେ ଛାତ୍ରଛାତ୍ରୀଙ୍କ ୨୨ ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବିଶେଷ କରି ଛାତ୍ରଛାତ୍ରୀ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ଚନ୍ଦ୍ରଯାନ, ବୃକ୍ଷର ଉପକାରିତା ସମ୍ପର୍କରେ ପ୍ରକଳ୍ପ ନିଜ ହାତରେ ତିଆରି କରି ବୁଝାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ବିମଳ ଦୀପ, ଶିକ୍ଷକ ରାଜେଶ ବାଗ, ଶିକ୍ଷୟିତ୍ରୀ ମଞ୍ଜୁଲତା ଶତପଥୀ, ଶର୍ମିଳା ସାହୁ, ବାସନ୍ତୀ ନାଗ, ନିରୁପମା ସେଠ, କେ ବନ୍ଦନା, ସାହୀନ ବେଗମ, ବିନ୍ଦୁ କଟା, ସ୍ୱପ୍ନା ଲାକ୍ରା ଏବଂ କର୍ମଚାରୀ ସରସ୍ୱତୀ ସାଗର, ଗୌରୀ ବାଗ ପ୍ରମୁଖ ସହଯୋଗ କରିଥିଲେ।

# ସାଲୁଜାଙ୍କ ମଣ୍ଡି ପରିଦର୍ଶନ



**ବଙ୍ଗୋମୁଣ୍ଡା, ୨୫ ।୧୨(ସମିସ):** ବଙ୍ଗୋମୁଣ୍ଡା ବ୍ଲକର ବଙ୍ଗୋମୁଣ୍ଡା ଚୁଲିଫୁଙ୍କା ଓ ବେଲପଡ଼ା ଧାନ ମଣ୍ଡିକୁ କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ପରିଦର୍ଶନରେ ଆସିଥିଲେ। ଚାଷୀଙ୍କ ଅଭିଯୋଗ ଅନୁଯାୟୀ ଦୀର୍ଘ ଦିନ ଧରି ମଣ୍ଡିରେ ଧାନ ପକେଇ ରଖିବା, ୪ ରୁ ୫ କେଜି କଟ୍‌ନି କରିବା, ଅଖା ନ ଦେବା ଚଷୀ ନିଜ ଅଖାରେ ଆଣିଲେ ପଇସା କାଟିବା ପ୍ରଭୃତି ଅଭିଯୋଗ ନେଇ ଆଲୋଚନା କରିଥିଲେ। ଶ୍ରୀ ସାଲୁଜାଏ ବିଷୟରେ ଜିଲ୍ଲାପାଳଙ୍କ ଦୃଷ୍ଟି ଗୋଚର କରିଥିଲେ। ପରିଦର୍ଶନ ସମୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୁରୁଚରଣ ବେହେରା, ପୂର୍ବତନ ସରପଞ୍ଚ ସୁଶାନ୍ତ ଯୋଶୀ, ବ୍ଲକ ଉପାଧ୍ୟକ୍ଷ କେଶବ ନାରାୟଣ ଜୈନ, ବିଜୟ ଜୈନଙ୍କ ସହିତ ବହୁ ଚାଷୀ ଉପସ୍ଥିତ ଥିଲେ।

**ଜିଲ୍ଲାର ଦାଦନ ସମସ୍ୟାକୁ ନେଇ ମନ୍ତ୍ରୀଙ୍କ ସମୀକ୍ଷା**

# ସରକାର ଏକାକୀ ଦାଦନମୁକ୍ତ କରିପାରିବେ ନାହିଁ

**ବଲାଙ୍ଗିର, ୨୫ ।୧୨(ସମିସ):** ଦାଦନ ଏକ ପାରମ୍ପରିକ ପ୍ରକ୍ରିୟା ହୋଇରହିଛି। ସରକାର ଏକାକୀ ଚାହିଁଲେ ଦାଦନ ରୋକିପାରିବେ ନାହିଁ। ଯେମିତି ନୂଆଖାଇ ସମୟରେ ଧାର ନଆଣିଲେ ନୂଆ ଖାଇପାରିବା ନାହିଁ ସେମିତି ଦାଦନ ଧାରରେ ଚାଲିଛି। ସକାରାତ୍ମକ ମନୋଭାବ ଓ ମାନିସକତା ରଖିଲେ ହିଁ ଦାଦନକୁ ରୋକା ଯାଇପାରିବ। ଦାଦନ ସମସ୍ୟା ସମାଧାନ ଏତେ ଶୀଘ୍ର ହେବ ନାହିଁ। ସମୟ ଲାଗିବ, ସରକାର ଏଥିପାଇଁ ଯୋଜନା କରୁଛନ୍ତି। ବଲାଙ୍ଗିର ଜିଲ୍ଲାର ଦାଦନ ସମସ୍ୟାକୁ ନେଇ ଜିଲ୍ଲା ଗସ୍ତ ଓ ସମୀକ୍ଷା ପରେ କିଛି ଏହିଭଳି ମନ୍ତବ୍ୟ ରଖିବା ସହ ନିଜ ଅସହାୟତା ପ୍ରକାଶ କରିଥିଲେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ। ମନ୍ତ୍ରୀ ମଙ୍ଗଳବାର ବଲାଙ୍ଗିର ଗସ୍ତରେ ଆସି ଏଭଳି ମନ୍ତବ୍ୟ ରଖିବା ଚର୍ଚ୍ଚାର ବିଷୟ ପାଲଟିଛି।

ମଙ୍ଗଳବାର ବଲାଙ୍ଗିର ଜିଲ୍ଲା ଗସ୍ତରେ ଆସିଥିଲେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ। ଜିଲ୍ଲାର ସମସ୍ତ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରଙ୍କ ଉପସ୍ଥିତିରେ ବିଭାଗର ସମୀକ୍ଷା ବୈଠକ କରିଥିଲେ। ତେବେ ଗତ କିଛି ଦିନ ହେଲା ବଲାଙ୍ଗିର ଜିଲ୍ଲାର ଦାଦନ ସମସ୍ୟା, ଦାଦନ ଭାବେ କାମ କରିବାକୁ ଯାଇ ଶବ ହୋଇ ଫେରିବା, ଦାଦନ ଶ୍ରମିକଙ୍କୁ ନିର୍ଯାତନା ଘଟଣା ଗଣମାଧ୍ୟମର ଶିରୋନାମା ପାଲଟିଥିବା ବେଳେ ଦାଦନ ମୁକ୍ତ ଜିଲ୍ଲା କରିବା ପାଇଁ ସରକାର ବାରମ୍ବାର କହିଆସୁଛନ୍ତି। କିନ୍ତୁ ଏକାକି ସରକାର ଚାହିଁଲେ ଦାଦନମୁକ୍ତ କରିପାରିବ ନାହିଁ ବୋଲି ମନ୍ତ୍ରୀ ଗଣମାଧ୍ୟମ ଆଗରେ କହିଛନ୍ତି। ସମୀକ୍ଷା କରିବା ପରେ ମନ୍ତ୍ରୀ ଶ୍ରୀ ନାଏକ କହିଥିଲେ ଯେ ବଲାଙ୍ଗିରକୁ ଦାଦନ ମୁକ୍ତ କରିବା ପାଇଁ ସରକାରୀସ୍ତରରେ ଅନେକ ଆଲୋଚନା କରାଯାଉଛି। ଏଥିପାଇଁ ଟାସ୍କଫୋର୍ସ କରାଯାଇଛି ଯାହାର ଦାୟିତ୍ୱ ଉପମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଛି। ପଞ୍ଚାୟତିରାଜ ବିଭାଗ କୁ ନୋଡାଲ ବିଭାଗ ଦାୟିତ୍ୱ ଦିଆଯାଇଥିବାରୁ ଶ୍ରମିକଙ୍କ କାମ ଦିଆଯାଇଛି। କିନ୍ତୁ ଏକାକି ସରକାର ଚାହିଁଲେ ଏହାକୁ ଦାଦନ ରୋକିପାରିବେ ନାହିଁ। ସମସ୍ତଙ୍କ ମିଳିତ ଉଦ୍ୟମର ଆବଶ୍ୟକତା ରହିଛି। ଏହାକୁ ରୋକିବା ଏତେ ସହଜ ନୁହେଁ। ଦାଦନ ମୁକ୍ତ କରିବା ପାଇଁ ବର୍ଷ ବର୍ଷ ବି ଲାଗିବ। ସମସ୍ତଙ୍କ ସକାରାତ୍ମକ ମନୋଭାବର ଆବଶ୍ୟକତା ରହିଥିବା କହିଛନ୍ତି। ତେବେ ଦାଦନ ମୁକ୍ତ ବଲାଙ୍ଗିର ଜିଲ୍ଲା ସରକାରୀ ଦମ୍ଭୋକ୍ତି ଭିତରେ ମନ୍ତ୍ରୀଙ୍କ ଅସହାୟତା ସ୍ପଷ୍ଟ ଦେଖାଯାଇଥିଲା। ଯାହାକି ଜିଲ୍ଲାରେ ଆଲୋଚନାର ବିଷୟ ପାଲଟିଛି।

## ଜିଲ୍ଲା ପ୍ରଶାସନକୁ ପ୍ରଶଂସା

**ବଲାଙ୍ଗିର, ୨୫ ।୧୨(ସମିସ):** ବଲାଙ୍ଗିର ଜିଲ୍ଲାରେ ମଙ୍ଗଳବାର ଦିନ ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ପ୍ରଶାସନିକ ଅଧିକାରୀଙ୍କୁ ନେଇ ସମୀକ୍ଷା ବୈଠକ କରିଥିଲେ। ସଦର ମହାକୁମାସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବୈଠକରେ ଜିଲ୍ଲାପାଳ ଗୌରଓ ଶୀଓାଜୀ ଇସଲୱାର, ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ ମହାପାତ୍ର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ତରଣୀ ସୁନା, ଜିଲ୍ଲା ପଞ୍ଚାୟତ ଅଧିକାରୀ ପ୍ରମୋଦ ମିଶ୍ର, କୃଷି ଅଧିକାରୀ ସୁଧାକର ନନ୍ଦ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ପ୍ରଫୁଲ ଭଞ୍ଜଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଚାଷୀଙ୍କ ଦାଦନ ସମସ୍ୟା ତଥା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଚାଷୀଙ୍କ ଆୟ, ନିଯୁକ୍ତି ତଥା ସଫଳତା କୁ ଟ୍ରାକ୍ କରିବା ସହ ଅଧିକାରୀ ଯତ୍ନବାନ ହେବାକୁ କହିଥିଲେ। ଫଳରେ ଚାଷୀ ଦାଦନ କମିବ। ଜିଲ୍ଲାପ୍ରଶାସନ ବିଭିନ୍ନ ସମସ୍ୟା ଗୁଡିକ କ୍ଲଷ୍ଟର ତିଆରି କରି ସରକାରଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଧାନ କିଣା ବ୍ୟବସ୍ଥା ବାବଦରେ ପଚାରି ବୁଝିଥିଲେ। ପାନୀୟ ଜଳ ଯୋଗାଣ କୁ ନେଇକି ମନ୍ତ୍ରୀ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଆରଡବ୍ଲୁଏସଏସର ନିର୍ବାହୀ ଯନ୍ତ୍ରୀଙ୍କୁ ପୁଙ୍ଖାନୁପୁଙ୍ଖ ପଚାରି ବୁଝିଥିଲେ। ସରକାର ଲୋକଙ୍କ ପାଇଁ କାମ କରୁଛି ଏବଂ ଏଥିପାଇଁ ଅଧିକାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସେହିପରି ଜିଲ୍ଲାପରିଷଦ ଅଧ୍ୟକ୍ଷା ଗ୍ରାଉଣ୍ଡସ୍ତରରେ ଅଧିକରୁ ଅଧିକ ପ୍ରୋତ୍ସାହନ ହେଲେ ଲୋକେ ପ୍ରଶାସନର ନିକଟତର ହେବେ ବୋଲି କହିଥିଲେ। ଦାଦନ ବନ୍ଦକୁ ନେଇକି ସମୀକ୍ଷା ପାଇଁ ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଜିଲ୍ଲାପାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୁଖ୍ୟ ଉନ୍ନୟନ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ

**ତରଭା, ୨୫।୧୨ (ସମିସ):** ଭାରତରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଶତବାର୍ଷିକ ଜୟନ୍ତୀ ପାଳିତ ହୋଇଯାଇଛି। ବ୍ଲକର ବରିଷ୍ଠ ବିଜେପି ନେତା ସୁରେଶ ଚନ୍ଦ୍ର ମହଲାଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଅଟଳଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଦୀପ ପ୍ରଜ୍ୱଳନ କରି ବନ୍ଦେମାତରଂ ଗାନ କରାଯାଇଥିଲା। ପରେ ତାଙ୍କ ଜୀବନୀ ଓ ରାଷ୍ଟ୍ର ନିର୍ମାଣ ଦିଗରେ ତାଙ୍କର ଅବଦାନ ବାବଦରେ ଉପସ୍ଥିତ ନେତୃବୃନ୍ଦ ଆଲୋକପାତ କରିଥିଲେ। ମେଣ୍ଡା, କମସରା ଓ ତରଭା ନଗର ମଣ୍ଡଳର ବହୁ କାର୍ଯ୍ୟକର୍ତ୍ତା ସମେତ ଅନେକ ବାଜପେୟୀ ପ୍ରେମୀ ଯୋଗ ଦେଇଥିଲେ।

# ବାରମ୍ବାର ଆବେଦନ ସତ୍ତ୍ୱେ ମିଳୁନି ବିଧବା ଭତ୍ତା

**ଶଗଡ଼ା, ୨୫ ।୧୨(ସମିସ):** ସରକାର ଗରିବ, ନିରାହ, ବିକଳାଙ୍ଗ, ବିଧବା, ବୃଦ୍ଧବୃଦ୍ଧାଙ୍କ ପାଇଁ ବିଭିନ୍ନ ପ୍ରକାର ଭତ୍ତା ପ୍ରଦାନ କରୁଛନ୍ତି; କିନ୍ତୁ କେତେକ ସ୍ଥାନରେ ବିଭାଗୀୟ ଅଧିକାରୀଙ୍କ ଅଣଦେଖା ହେଉ କିମ୍ବା ଖାମଖିଆଲି ମନୋଭାବ ଯୋଗୁଁ ବିଚରା ଗରିବ ନିରାହ ଲୋକମାନେ ଏହି ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ମଲିକୁଦ ଉପରପଡ଼ା ଗାଁରେ ଏାର ପ୍ରମାଣ ମିଳିଛି। ଏହି ଗାଁର ଭାଗ୍ୟ ଭୋଇ (୩୪)ଙ୍କ ସ୍ୱାମୀ ୩ ବର୍ଷ ହେବ ଆରପାରିକୁ ଚାଲିଗଲେଣି। ପୁଅ ଝିଅକୁ ନେଇ ବହୁ କଷ୍ଟରେ ସେ ଚଳୁଛନ୍ତି। ସେବେଠୁ ସେ ବିଧବା ଭତ୍ତା ପାଇଁ ବାରମ୍ବାର ଆବେଦନ କରିଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ମିଳି ନ ଥିବା ଅଭିଯୋଗ କରିଛନ୍ତି।

# ଆର୍ଥିକ ସାକ୍ଷରତା ତାଲିମ କାର୍ଯ୍ୟକ୍ରମ

**ତୁଷୁରା, ୨୫ ।୧୨(ସମିସ):** କଲ୍ୟାଣ ମଣ୍ଡପ ଗୁଡ଼ଭେଲାରେ ମହାଶକ୍ତି ଫାଉଣ୍ଡେଶନ ଦ୍ୱାରା ଆୟୋଜିତ ଓ ଏଲଟିଆଇ ମାଇଣ୍ଡ ଟ୍ରୀ ଫାଉଣ୍ଡେସନ ସହାୟତାରେ ଆର୍ଥିକ ସାକ୍ଷରତା ତାଲିମ କାର୍ଯ୍ୟକ୍ରମ ଗୁଡଭେଲା ସ୍ଥିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରକଳ୍ପ ତଳର ପାଞ୍ଚଟି ପଞ୍ଚାୟତରୁ ଉଭୟ ପୁରୁଷ ଓ ମହିଳାମାନେ ସହିତ ପ୍ରକଳ୍ପରେ ନିଯୁକ୍ତ କର୍ମୀମାନେ ଯୋଗଦେଇଥିଲେ। ମୋଟ ୮୦ ଜଣ ଅଂଶଗ୍ରହଣକାରୀଙ୍କୁ ତାଲିମ ଦିଆଯାଇଥିଲା। ମୁଖ୍ୟ ଆତିଥି ଗୁଡଭେଲା ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ସନ୍ତୋଷିନୀ ମହାପାତ୍ର, ତାଲିମ ଦାତା ପ୍ରକାଶ ଚନ୍ଦ୍ର ସାହୁ ଯୋଗଦାନ କରିଥିଲେ। ତାଲିମଦାତା ଶ୍ରୀ ସାହୁ ଆର୍ଥିକ ସାକ୍ଷରତା, ଦୈନନ୍ଦିନ ଜୀବନରେ ଆର୍ଥିକ ପରିଚାଳନା, ବ୍ୟବସାୟରୁ ଲାଭ ଓ ଶୁଭିନିବେଶର ଆବଶ୍ୟକତା ବିଷୟରେ ସ୍ପଷ୍ଟ ବ୍ୟାଖ୍ୟା ଦେଇ ଅଂଶଗ୍ରହଣକାରୀଙ୍କୁ ଜ୍ଞାନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ଗୁଡଭେଲା ବ୍ଲକ ସଂଯୋଜକ ଧର୍ମ ସାଗର ପଧାନ କରିଥିଲେ।

# କୋଶଳ ହାଇସ୍କୁଲର ଦଶମ ବାର୍ଷିକ ଉତ୍ସବ

**ସୋନପୁର, ୨୫।୧୨(ସମିସ):** ସୁବର୍ଣ୍ଣପୁର ପଟାଭାଡ଼ିରେ ଥିବା କୋଶଳ ଉଚ୍ଚ ବିଦ୍ୟାଳୟର ଦଶମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ଯୋଗଦେଇ ଅନୁଷ୍ଠାନର ଶିକ୍ଷାଦାନ ପଦ୍ଧତିକୁ ପ୍ରଶଂସା କରିଥିଲେ। ଖୋଲାଫର୍ଦ୍ଦର ସମ୍ପାଦକ ବିମଳ କୁମାର ଭଞ୍ଜଦେଓ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଧୁନିକ ସମୟରେ ଏଭଳି ଶିକ୍ଷାନୁଷ୍ଠାନ ଅନନ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ମତ୍ସ୍ୟ ନିଗମର ପ୍ରାକ୍ତନ ଅଧ୍ୟକ୍ଷ ଅଭିମନ୍ୟୁ କୁଶଳ ଏବଂ ସମାଜସେବୀ ତଥା ସ୍କୁଲ କମିଟି ସଭାପତି ଶ୍ରୀବତ୍ସ ମଲ୍ଲିକ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ସଞ୍ଜୟ କୁମାର ସାହୁଙ୍କ ଉଦ୍ୟମକୁ ଅତିଥିମାନେ ପ୍ରଶଂସା କରିଥିଲେ। ଉତ୍ସବରେ ସମାଜସେବା କ୍ଷେତ୍ରରେ ଲଡ୍ଡୁ କିଶୋର ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଯାଇଥିଲା।

# ଫାଇନାଲ୍‌ରେ ଛତିଶଗଡ଼ ଟିମ୍

**ବୀରମହାରାଜପୁର, ୨୫।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ଲୁତୁରପଙ୍କ ହାଇସ୍କୁଲପଡ଼ିଆରେ ୨୮ତମ ସର୍ବ ଭାରତୀୟ ଲୁତୁରପଙ୍କ କ୍ରିକେଟ କପ୍ ଜୟ ଜଗନ୍ନାଥ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଆରମ୍ଭ ହୋଇଛି। ବୁଧବାର ସେମି ଫାଇନାଲ ମ୍ୟାଚ୍‌ରେ ସ୍ପାର୍ଟନ ଭୁବନେଶ୍ୱରକୁ ହରାଇ କ୍ୟୁସିଆର ଛତିଶଗଡ଼ ବିଜୟୀ ହୋଇ ଫାଇନାଲ୍‌ରେ ପ୍ରବେଶ କରିଛି। ଛତିଶଗଡ଼ ଦଳ ଟସ୍ ଜିଣି ପ୍ରଥମ ଫର୍ମାଟ୍‌ରେ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୮୨ ରନ କରିଥିଲା। ଭୁବନେଶ୍ୱର ଦଳ ୧୬୧ ରନ କରିଥିଲା। ଦ୍ୱିତୀୟ ଟି-୧୦ ଫର୍ମାଟରେ ଛତିଶଗଡ଼ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୧୦୩ ରନ କରିଥିଲା। ଜବାବରେ ଭୁବନେଶ୍ୱର ଦଳ ୫୨ ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ଛତିଶଗଂ ଦଳ ମ୍ୟାଚ୍‌ର ବିଜେତା ହୋଇ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍ ମଧ୍ୟାନ୍ତରରେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଏବଂ ପୂର୍ବତନ ସରପଞ୍ଚ ରାଧାକାନ୍ତ ବାଘ ଓ ପୂର୍ବତନ ସରପଞ୍ଚ ବ୍ୟୋମକେଶ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛତିଶଗଡ଼ର ଶଶାଙ୍କ ଚନ୍ଦ୍ରକରଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚ୍‌ଟି ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ପୃଥ୍ୱୀରାଜ ମିଶ୍ର ଓ ବିଶ୍ୱଜିତ ପୁରୋହିତ ପରିଚାଳନା କରିଥିଲେ। ମାନସ ରଞ୍ଜନ ମହାକୁର ସ୍କୋରିଙ୍ଗ, ଚମାରୁ ମହାକୁର ଅନଲାଇନ ସ୍କୋରିଙ୍ଗ ଏବଂ ପୀତାମ୍ବର ସାହୁ, ମାନସ ନନ୍ଦ ଓ ପ୍ରାଣବନ୍ଧୁ ସାହୁ ପ୍ରମୁଖ ଧାରାବିବରଣୀ ପ୍ରଦାନ କରିଥିଲେ। ଗୁରୁବାର ପୁଲ- ବି ର ପ୍ରଥମ ମ୍ୟାଚ୍ ଏସଡିସିଏ ସୋନପୁର ଓ ବିରାଟ କ୍ରିକେଟ କ୍ଲବ କଲିକତା( ପଶ୍ଚିମବଙ୍ଗ) ମଧ୍ୟରେ ହେବ।



**ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ କପ୍**

# ଜିଲ୍ଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ଓ ବେଞ୍ଚ ପ୍ରେସ୍ ପ୍ରତିଯୋଗିତା

**ବଲାଙ୍ଗିର, ୨୫।୧୨(ସମିସ)**

ବଲାଙ୍ଗିର ଆମେଚର ବଡିବିଲଡର ଆସୋସିଏସନ ଏବଂ ବଲାଙ୍ଗିର ଜିଲ୍ଲା ଜିମନାଷ୍ଟିକ ଆସୋସିଏସନର ମିଳିତ ଉଦ୍ୟମରେ ଜିଲ୍ଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ଓ ବେଞ୍ଚ ପ୍ରେସ ପ୍ରତିଯୋଗିତା ସ୍ଥାନୀୟ ଗାନ୍ଧୀ ପାଠାଗାରରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ବଡି ବିଲଡର ଆସୋସିଏସନର କାର୍ଯ୍ୟକାରୀ ସଭାପତି ସଞ୍ଜୟ ଶତପଥି ପ୍ରତିଯୋଗିତାକୁ ଶୁଭାରମ୍ଭ କରିଥିଲେ। ପ୍ରତିଯୋଗିତାର ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଆୟୁର୍ବେଦ କଲେଜର ପ୍ରିନ୍ସିପାଲ ଡା. ମନୋଜ କୁମାର ସାହୁ ଓ ସମ୍ମାନିତ ଅତିଥି ରୂପେ ଗାନ୍ଧୀ ପାଠାଗାରର ସଭାପତି ପ୍ରକାଶ କୁମାର ନେପାକ, ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠି, ଜନ ବ୍ୟାଙ୍କର ମ୍ୟାନେଜର ଭାସ୍କର ରାଓ ଆଚାରୀ, ସମାଜସେବୀ ଦିଲିପ ଭୋଇ, ବିଙ୍ଗ ଷ୍ଟ୍ରଙ୍ଗର ନିର୍ଦ୍ଦେଶକ ସତ୍ୟ ଦର୍ଜି, ବିଡିଜିଏ ସମ୍ପାଦକ ସଂଗ୍ରାମ ବହିଦାର ଯୋଗଦେଇଥିଲେ। ସଞ୍ଜୟ ଶତପଥି, ରୁପକ ବରାଳ ଓ ମୁନା ଦାଶ ବିଚାରକ ଦାୟିତ୍ୱ ତୁଲାଇଥିଲେ। ବେଞ୍ଚ ପ୍ରେସ ୫୯ ଓଜନ ବର୍ଗରେ ପ୍ରଥମ ବିଶ୍ୱଜିତ ସୁନା, ଦ୍ୱିତୀୟ ଦୋଳାନନ୍ଦ ସାହୁ, ତୃତୀୟ ଫକିର ଥାପା, ୬୬ ଓଜନ ବର୍ଗରେ ପ୍ରଥମ ବୁଲୁ ବାଗ, ଦ୍ୱିତୀୟ ବିଷ୍ଣୁ ନାଏକ, ତୃତୀୟ ଶ୍ରିତମ ବିଶି, ୭୪ ଓଜନ ବର୍ଗରେ ପ୍ରଥମ ଆଲୋକ ସାଗର, ଦ୍ୱିତୀୟ ଏମଡି ଅଲି ରାଜା ଓ ତୃତୀୟରେ ଡୋଳାମଣି ସେଠ, ୮୩ ଓଜନ ବର୍ଗରେ ପ୍ରଥମରେ ତାଳଧ୍ୱଜ ସାହୁ, ଦ୍ୱିତୀୟ ଶଙ୍କର ଜୁଆଡି, ତୃତୀୟରେ ଭୁପତି ସାହୁ, ୯୩ କେଜି ବର୍ଗରେ ପ୍ରଥମ ଶିବୁ ରାଉତ, ଦ୍ୱିତୀୟ ଆନନ୍ଦ ଛତର, ତୃତୀୟରେ ଆଭାସ ଗୁପ୍ତା, ୧୦୫ କେଜି ବର୍ଗରେ ପ୍ରଥମ ଉମାକାନ୍ତ ପାତ୍ର, ଦ୍ୱିତୀୟ ଉଦୟ ମହାରଥା, ତୃତୀୟ ସ୍ୱଙ୍ଗ ସ୍ୱାଗତ ସେଠ ଓ ଷ୍ଟ୍ରଙ୍ଗ ମ୍ୟାନରେ ବିଶ୍ୱଜିତ ସୁନା ଚାମ୍ପିଅନ ହୋଇଥିଲେ। ବଡି ବଲଡିଂ ୫୫ ଓଜନ ବର୍ଗରେ ପ୍ରଥମ ବିନାୟକ ମଲ୍ଲିକ, ଦ୍ୱିତୀୟରେ ଦିନେଶ ମଲ୍ଲିକ, ତୃତୀୟରେ ଆକାଶ ବାଗ, ୬୦ ଓଜନ ବର୍ଗରେ ପ୍ରଥମ ହେମନ୍ତ କାଲସାଏ, ଦ୍ୱିତୀୟ ମାନସ ଦିପ, ତୃତୀୟରେ ମଦନ ବାରିକ, ୬୫ କେଜି ବର୍ଗରେ ପ୍ରଥମ ବୁଲୁ ବାଗ, ଦ୍ୱିତୀୟ ପୂର୍ଣ୍ଣଚନ୍ଦ୍ର ମେହେର, ତୃତୀୟରେ ବାଦଲ ବାହାଦୁର, ୭୦ କେଜିରେ ପ୍ରଥମ ବିରେନ୍ଦ୍ର ପାତ୍ର, ଦ୍ୱିତୀୟରେ ବିଷ୍ଣୁ ନାଏକ, ବଡି ବିଲଡିଂ ଚାମ୍ପିଅନ ଅଫ ଚମ୍ପିୟନରେ ହେମନ୍ତ କାଲସାଏ ହୋଇଥିଲେ। ପ୍ରତିଯୋଗିତା ବିଡିଜିଏ ସମ୍ପାଦକଙ୍କ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଥିଲା। ଗୋପାଳ ସୁନା, ନେପାଲ ବାଗ, ରୁପକ ବରାଳ, ସଞ୍ଜୟ ଶତପଥି, ସଞ୍ଜିବ ରଥ, ସାର୍ଥକ ଶ୍ରୀବାସ୍ତବ। କୃତୀ ପ୍ରତିଯୋଗୀଙ୍କୁ ଜିତେନ୍ଦ୍ର ନାଗ ପୁରସ୍କୃତ କରିଥିଲେ।



# ଶାଣ୍ଢପାଲିର ଜଣେ ବି 'ଆବାସ' ପାଇନାହାନ୍ତି





**ଶଗଡ଼ା, ୨୫ ।୧୨(ସମିସ):**

- ଅନେକ ବୃଦ୍ଧବୃଦ୍ଧାଙ୍କୁ ଆଜି ପର୍ଯ୍ୟନ୍ତ ଭତ୍ତା ମିଳିନି
- ସରକାରଙ୍କ ଏସ୍‌ଇସିସି ତାଲିକାରେ ଗାଁର ନାଁ ନାହିଁ

ସରକାର ଗରିବଙ୍କୁ ମାଗଣାରେ ପକ୍କା ଘର ଯୋଗାଇ ଦେବାକୁ ଅନେକ ଯୋଜନା କରିଛନ୍ତି । ଏଥିପାଇଁ ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି; ହେଲେ ଆଜି ବି ଅନେକ ଗାଁରେ ଲୋକେ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇ ନାହାନ୍ତି । ବିଭାଗୀୟ ଅଧିକାରୀଙ୍କ ଅବହେଳା ପାଇଁ ଲୋକେ ଯୋଜନାର ସୁଫଳ ପାଉ ନାହାନ୍ତି । ଲୋକଙ୍କ ନିକଟରେ ଯୋଜନା ଠିକ ଭାବରେ ପହଞ୍ଚି ପାରୁନାହିଁ । ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଟଖଟିଆ ପଞ୍ଚାୟତ ଶାଣ୍ଢପାଲି ଗ୍ରାମରେ ଏଭଳି ସମସ୍ୟା ଦେଖା ଦେଇଛି । ଏହି ଗ୍ରାମରେ ପାଖାପାଖି ୪୦ ପରିବାର ବସବାସ କରନ୍ତି । ସମସ୍ତେ ଗରିବ ଶ୍ରେଣୀର । ଚାଷ ସହ ଅନ୍ୟାନ୍ୟ କର୍ଯ୍ୟ କରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି । ସ୍ୱଳ୍ପ ଆୟରେ ପରିବାର କଷ୍ଟେମଷ୍ଟେ ଚଳେ । ଏଣୁ ଘର ମରାମତି ସେମାନଙ୍କ ପକ୍ଷେ ସମ୍ଭବ ନୁହଁ । ଆର୍ଥିକ ଅଭାବ ଯୋଗୁଁ ଲୋକେ ମାଟି ଚାଳ ଛପର ଘର କରି ରହି ଆସୁଛନ୍ତି । ବର୍ଷା ଦିନେ ଘରେ ପାଣି ଗଳେ । ଏଣୁ ଲୋକେ ଅତି ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି । ପକ୍କା ଘର ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି; ହେଲେ ଗ୍ରାମର ଜଣକୁ ବି ଆବାସ ଯୋଜନାରେ ଘର ଖଣ୍ଡିଏ ମିଳି ନ ଥିବା ଅଭିଯୋଗ ହୋଇଛି । ସେହିଭଳି କେତେକ ବୃଦ୍ଧବୃଦ୍ଧାଙ୍କୁ ଭତ୍ତା ମିଳୁ ଥିବା ବେଳେ ଅନେକ ବୃଦ୍ଧବୃଦ୍ଧାଙ୍କ ଆଜି ପର୍ଯ୍ୟନ୍ତ ଭତ୍ତା ମିଳି ନ ଥିବା ଅଭିଯୋଗ କରିଛନ୍ତି । ସରକାରଙ୍କ ଏସଇସିସି (ସୋସିଓ ଇକୋନୋମିକ୍ ଆଣ୍ଡ କାଷ୍ଟ ସେନ୍‌ସସ୍) ତାଲିକାରେ ଗ୍ରାମର ନାମ ନ ଥିବାରୁ ସମସ୍ତେ ଆବାସ ଘର ପାଇବାରୁ ବଞ୍ଚିତ ଅଛନ୍ତି । ଏ ନେଇ ଗ୍ରାମବାସୀ ଅନେକ ଥର ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ଜନ ପ୍ରତିନିଧିଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କେହି ସେମାନଙ୍କ କଥା ଶୁଣୁ ନ ଥିବା ଗ୍ରାମବାସୀ କହିଛନ୍ତି । ଅନେକ ଅଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରେ ଘର ହାତେଇ ନେଇଥିବା ବେଳେ ଏହି ଗ୍ରାମର ଅନେକ ଗରିବ ଯୋଗ୍ୟ ହିତାଧିକାରୀ ଦୀର୍ଘ ବର୍ଷ ହେଲା ଘର ଖଣ୍ଡିଏ ନ ପାଇବା ଦୁର୍ଭାଗ୍ୟର କଥା ବୋଲି କହିଛନ୍ତି । ତେବେ ଏ ନେଇ ଗ୍ରାମବାସୀ ଖଟଖଟିଆ ପଞ୍ଚାୟତରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି । ଜିଲ୍ଲାପାଳ ଏହାର ତଦନ୍ତ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# ଅଦିନିଆ ବର୍ଷାରେ ଧାନ ଫସଲ ନଷ୍ଟ



- କ୍ଷତିପୂରଣ ଓ ମଣ୍ଡି ଖୋଲିବାକୁ ଦାବି

**ସୁବଳୟା, ୨୫।୧୨(ସମିସ):** ଲଘୁଚାପ ପ୍ରଭାବରୁ ଗତ ମଙ୍ଗଳବାର ରାତିସାରା ବୀରମହାରାଜପୁର ବ୍ଲକ ଅଞ୍ଚଳରେ ଝିପିଝିପି ବର୍ଷା ଲାଗିରହିଛି । ଧାନ ଅମଳ ସମୟରେ ଏଭଳି ଅଦିନିଆ ବର୍ଷା ଚାଷୀକୁ କଟା ଘା'ରେ ଚୂନ ସଦୃଶ ହୋଇଛି । ନିଜ ଚାଷ ଜମିକୁ ଦେଖି ଏବେ ଚାଷୀ କାନ୍ଦୁଛି । ଆଗକୁ କିପରି ସୁବିଧାରେ ଧାନକୁ ମଣ୍ଡିରେ ବିକ୍ରି କରିବ ଏବଂ ବର୍ଷକର ଆହାର ସାଇତି ରଖିବ ସେନେଇ ଚାଷୀ ଚିନ୍ତାରେ ଅମଳ ପାଇଁ ଲାଗିପଡ଼ିଥିଲା । ମାତ୍ର ଅଦିନିଆ ବର୍ଷା ଏବେ ଚାଷୀ ଉପରେ ଦାଉସାଧୁଛି । ବର୍ଷା ଦାଉରୁ କଷ୍ଟ ଉପାର୍ଜିତ ଧାନଫସଲକୁ ସାଇତି ରଖିବା ପାଇଁ କେଉଁଠି ଚାଷୀ ଧାନକୁ ଗଦାକରି ଜରିପାଲ ଘୋଡ଼ାଉଛି ତ ଆଉ କେଉଁଠି ବିଲରୁ ଖଳାକୁ ଧାନ ଗାଡ଼ିରେ ବୋହୁଛି । ଏହି ଅଞ୍ଚଳରେ ହଜାର ହଜାର ହେକ୍ଟର ଚାଷଜମି ରହିଛି । ସେଥିମଧ୍ୟରୁ ଅଧିକାଂଶ ଜମିରେ ଧାନଚାଷ ହୋଇଥିଲା । ଏଥର ବ୍ଲକରେ ଧାନ ଫସଲ ଗୋଟିଏ ପ୍ରକାର ହୋଇଛି । ଧାନ ଫସଲ ଭଲ ସାଙ୍ଗକୁ ଧାନର ସହାୟକ ମୂଲ୍ୟ ୩୧ ଶହ ଟଙ୍କା ବୃଦ୍ଧି ଯୋଗୁଁ ଚାଷୀ ବେଶ ଲାଭବାନ ହେବା ଆଶା ରଖିଥିଲା । ଠିକ୍ ଅମଳ ସମୟରେ ବର୍ଷା ଦାଉ ସାଧିଲା । ବିଶେଷ କରି ଛୋଟ ଧାନ ପ୍ରାୟତଃ ସରିଥିବା ବେଳେ ମଧ୍ୟମ ଧରଣର ଧାନକଟା ଜାରି ରହିଥିଲା । ଜମିମାନଙ୍କରେ ଧାନପେଟା ପଡ଼ିରହିଛି । ଏଭଳି ବର୍ଷା ଯୋଗୁଁ ତାହା ଗଜା ଧରି ନଷ୍ଟ ହେବାର ଆଶଙ୍କା ରହିଛି । ସେହିପରି ଅଞ୍ଚଳରେ କୋହଲା ପାଗ ଓ ଅଦିନିଆ ବର୍ଷା ଯୋଗୁଁ ହୋଇଥିବା ପନିପରିବା ମଧ୍ୟ ନଷ୍ଟ ହେବାର ଆଶଙ୍କା ରହିଥିବା ଚାଷୀ ପ୍ରକାଶ କରିଛନ୍ତି । ବର୍ଷାକୁ ଲକ୍ଷ୍ୟ ରଖି କ୍ଷୟକ୍ଷତି ଆକଳନ କରାଯାଇ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବା ଓ କିଛି ସ୍ଥାନରେ ଖୋଲିନଥିବ ମଣ୍ଡି ତୁରନ୍ତ ଖୋଲିବାକୁ ଚାଷୀ ମହଲରେ ଦାବି ହେଉଛି । ଏଦିଗରେ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣ ମତ ପ୍ରକାଶ ପାଉଛି ।

# ମହାସମାରୋହରେ ବଡ଼ଦିନ ଉତ୍ସବ ପାଳନ



**ତରଭା, ୨୫।୧୨(ସମିସ):** ବଡ଼ଦିନ ଉତ୍ସବ ତରଭା ଚର୍ଚ୍ଚରେ ମହାସମାରୋହରେ ପାଳନ କରାଯାଇଛି । ସନ୍ଧ୍ୟା ୬ଟାରେ ଚର୍ଚ୍ଚରେ ମେରୀ ଖ୍ରୀଷ୍ଟମାସ ଉତ୍ସବ ପାଳନ କରାଯାଇଥିଲା । ମୁଖ୍ୟବକ୍ତା ଭାବରେ ବଲାଙ୍ଗିରର ଆଚାର୍ଯ୍ୟ ବିଜୟ କୁମାର ପଣ୍ଡା ଯୋଗଦେଇ ଉଦ୍‌ବୋଧନ ପ୍ରଦାନ କରିଥିଲେ । ଚର୍ଚ୍ଚର ପାଷ୍ଟର ବିଜୟ କୁମାର ସାହୁ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମର ଶୁଭେଚ୍ଛା ବାର୍ତ୍ତା ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ପରିଚାଳକ ରାଜ କିଶୋର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରଥିଲେ । ଏଥିରେ ବନିତା ସାହୁ, ଅନୁ, ମିନା ପ୍ରମୁଖ ସଙ୍ଗୀତ ଆରାଧନା ପରିବେଷଣ କରିଥିଲେ । ଗତ ୧୮ ତାରିଖ ଦିନ ପ୍ରଭୁଙ୍କ ଜନ୍ମଦିବସ ଉପଲକ୍ଷେ କ୍ୟାଣ୍ଡଲ ଶୋଭାଯାତ୍ରା କରି ସହର ପରିକ୍ରମା କରିଥିଲା । ଏଥିରେ ସଙ୍ଗୀତ, କିର୍ତ୍ତନ ଦଳ ସାମିଲ ହୋଇଥିବା ସହିତ ୪୦୦ରୁ ଅଧିକ ଖ୍ରୀଷ୍ଟ ବିଶ୍ୱାସୀ ଭାଇ ଓ ଭଉଣୀ ଅଂଶ ଗ୍ରହଣ କରିଥିଲେ । ସ୍ଥାନୀୟ ପାଳକ ପାଷ୍ଟର ବିଜୟ କୁମାର ସାହୁ ଓ ଉପଦେଷ୍ଟା ରାଜ କିଶୋର ସାହୁ ଏହି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ ।

## ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି ବିଦ୍ୟୁତ୍ ଖୁଣ୍ଟ

ସୁବଳୟା, ୨୫।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଜଟେସିଂହା ପଞ୍ଚାୟତ ଅଧୀନ ବଡ଼ଖମାର ମଠରୁ ଡୁଙ୍ଗୁରି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ମଝିରେ ବିଦ୍ୟୁତ ଖୁଣ୍ଟ ରହିଛି । ଉକ୍ତ



ରାସ୍ତାଟି ପ୍ରଶସ୍ତିକରଣ କାମ ସରିଥିବା ବେଳେ ମଝିରେ ଥିବା ବିଦ୍ୟୁତ ଖୁଣ୍ଟ ନହଟାଇ ପିଚୁ ଢାଳି ଦିଆଯାଇଛି । ଏଭଳି ହୋଇଛି ଯେ, ଯେକୌଣସି ସମୟରେ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇ ଦୁର୍ଘଟଣା ସମ୍ମୁଖୀନ ହେବାର ଆଶଙ୍କା ରହିଛି । ଜିଲ୍ଲା ଗ୍ରାମ୍ୟ ନିର୍ମାଣ ବିଭାଜନ ପକ୍ଷରୁ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ହୋଇଛି । ତୁରନ୍ତ ଏହି ରାସ୍ତା ଉପରୁ ବିଦ୍ୟୁତ୍ ଖୁଣ୍ଟ ହଟାଇବା ପାଇଁ ଜନସାଧାରଣରେ ଦାବି ହେଉଛି ।

# ମରାଡୁଗୋଛା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ତରଭା, ୨୫।୧୨(ସମିସ):** ତରଭା ବ୍ଲକ ମରାଡୁଗୋଛା ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ବନ୍ଧକେଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗାନ୍ଧି ପାତ୍ରୀ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବରେ ପୂର୍ବତନ ସମିତି ସଭ୍ୟ ହିରଣ୍ୟ ସାହୁ, ଆଲୁମିନୀ କମିଟି ସଭାପତି କାର୍ତ୍ତିକ ନାଗ, ସିଆରସିସି ରମେଶ ବାଘ ଓ ମୁଖ୍ୟବକ୍ତା ଭାବରେ ପୂର୍ବତନ ଗ୍ରାମ୍ୟ କୃଷି ପରିଦର୍ଶକ ପୁରନ୍ଦର ବାଗ ପ୍ରମୁଖ ମଞ୍ଚାସିନ ଥିଲେ । ଶିକ୍ଷକ ଶୁଶିଲ ପାଣ୍ଡେ ଅତିଥି ପରିଚୟ ଓ ଭାରପ୍ରାପ୍ତ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶିକ୍ଷକ ରବି ନାରାୟଣ ସାହୁ ବିବରଣୀ ପଠନ କରିଥିଲେ । ଶେଷରେ ଶିକ୍ଷକ କ୍ଷଷ୍ଟମ ବୁଡେକ ଧନ୍ୟବାଦ ଅର୍ପଣ କରିଥିଲେ । ଦଶମ ଶ୍ରେଣୀ ୨୦୨୪ମସିହାରେ ବିଦ୍ୟାଳୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ଥିବା ଛାତ୍ରୀ ଝୁପାବତୀ ନାଗଙ୍କୁ ବର୍ଷର ଶ୍ରେଷ୍ଠଛାତ୍ରୀ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ମନୋରଞ୍ଜନ ମୁନାଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ରାସ୍ତାରେ ପଡ଼ିଲା ଲୁହା ସାମଗ୍ରୀ

**ଶଗଡ଼ା, ୨୫ ।୧୨(ସମିସ):** ସୋନପୁର-ବୌଦ୍ଧ ରାସ୍ତାର ମନମୁଣ୍ଡା ଥାନା ନୂଆପାଲି ନିକଟରେ ଏକ ଟ୍ରକ୍‌ରୁ ଲୁହା ସାମଗ୍ରୀ ପଡ଼ିବା ଯୋଗୁଁ ଗାଡି ଚଳାଚଳରେ ବାଧା ହୋଇଛି । ଖବର ପାଇ ମନମୁଣ୍ଡା ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା । ଲୁହା ସାମଗ୍ରୀ ସବୁ ରାସ୍ତାକଡ଼କୁ ହଟା ଯିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା ।

## ଗଞ୍ଜେଇ ଚାଷ ଉପରେ ପୁଲିସର ଚଢ଼ଉ

**ଶଗଡ଼ା, ୨୫ ।୧୨(ସମିସ):** କଣ୍ଟାମାଳ ପୁଲିସ ପେନାଜୋର ଗ୍ରାମ ନିକଟ ଜଙ୍ଗଲରେ ଚଢ଼ଉ କରି ବେଆଇନ ଭାବରେ ଚାଷ ହୋଇଥିବା ଗଞ୍ଜେଇ ଗଛ କାଟି ପୋଡ଼ି ନଷ୍ଟ କରିଛି । ୭୪ହଜାର ୬୮୨ ଗଞ୍ଜେଇ ଗଛକୁ କାଟି ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ କରାଯାଇଛି ।

## ବୋଲେରୋରୁ ୧୬୦ କେଜି ଗଞ୍ଜେଇ ଜବତ

**ଶଗଡ଼ା, ୨୫ ।୧୨(ସମିସ):** କଣ୍ଟାମାଳ ପୁଲିସ ସୁଲିଆ ନୂଆପାଲି ରାସ୍ତା ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ଏକ ବୋଲେରୋରୁ ୧୬୦ କେଜି ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ କଲରା କୋଠା ଗ୍ରାମର ବିକାଶ ଖଟୁଆକୁ ଗିରଫ କରିଛି ।

## ଏଟିଏମ୍ କେନ୍ଦ୍ର ନଥିବାରୁ ହିତାଧିକାରୀ ହନ୍ତସନ୍ତ

**ସୁବଳୟା, ୨୫।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ଜଟେସିଂହା ମୁଖ୍ୟ ଛକରେ ଏଟିଏମ୍ ସ୍ଥାପନ ପାଇଁ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହିକେନ୍ଦ୍ର ସ୍ଥାପନ ହୋଇପାରିନାହିଁ । ଫଳରେ ସ୍ଥାନୀୟ ଜନସାଧାରଣ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଅଞ୍ଚଳରେ ଅନେକ ଚାଷୀ ତଥା ଛାତ୍ରଛାତ୍ରୀ ଓ ସରକାରୀ କର୍ମଚାରୀ ରହୁଛନ୍ତି । ଏହି ଅଞ୍ଚଳର ଲୋକମାନେ ଟଙ୍କା ଉଠାଣ ଲାଗି ସୁବଳୟା ଓ ବୀରମହାରାଜପୁର ଓ ମୁର୍ଷୁଣ୍ଡୀ ବ୍ୟାଙ୍କ ଓ ଏଟିଏମ୍ ଉପରେ ନିର୍ଭର କରିଥାନ୍ତି । ଏଠାକୁ ଟଙ୍କା ଉଠାଣ ପାଇଁ ଗଲେ ସ୍ଥାନୀୟ ଜନସାଧାରଣ ୧୦୦ ଟଙ୍କା ଗସ୍ତ ଖର୍ଚ୍ଚ କରିବାକୁ ବାଧ୍ୟ ହେଇଥାନ୍ତି । ସଦାସର୍ବଦା ଅଞ୍ଚଳବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଲୋକଙ୍କୁ ହଠାତ୍ ଟଙ୍କା ପଇସା ଦରକାର ପଡ଼ିଲେ ୭ କିମି ରାସ୍ତାଯିବାକୁ ପଡ଼ିଥାଏ । ଏଥିପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଜଣାଯାଇଛି । ଏହି ଛକ ଉପରେ ଜଟେସିଂହା ବ୍ୟତୀତ ଡୁଙ୍ଗୁରୀ, ବଡ଼ଖମାର, ଆନନ୍ଦପୁର, ଚନ୍ଦଳି, ମାଲିସାଇ, କେଉଟିପାଲି, କୁଡାପଡ଼ା, ଗୋଧନେଶ୍ୱର, ଫୁଲଚରା ଓ ଏକତାଲ ପ୍ରଭୃତି ଗ୍ରାମର ବହୁ ଲୋକ ନିର୍ଭର କରିଥାନ୍ତି । ଏହି ସମସ୍ୟାକୁ ନେଇ ଅନେକ ଥର ସମ୍ପୃକ୍ତ ବିଭାଗ ତଥା ପ୍ରଶାସନ ଅଧିକାରୀଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ବି ଏଯାଏଁ କିଛି ସୁଫଳ ମିଳିନି । ଜିଲ୍ଲା ପ୍ରଶାସନ ଓ ବିଭାଗ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଜନସାଧାରଣ ଦାବି କରିଛନ୍ତି ।

## ଷ୍ଟ୍ରିଟ୍‌ଲାଇଟ ପାଇଁ ଖଟଖଟିଆ ଗ୍ରାମବାସୀଙ୍କ ଜିଲ୍ଲାପାଳଙ୍କୁ ଅଭିଯୋଗ

**ଶଗଡ଼ା, ୨୫ ।୧୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଟଖଟିଆରେ ଷ୍ଟ୍ରିଟ ଲାଇଟ ଲଗାଇବାକୁ ନେଇ ପଞ୍ଚାୟତ କର୍ତ୍ତୃପକ୍ଷ ପାତରଅନ୍ତର କରୁଛନ୍ତି । ବସଷ୍ଟାଣ୍ଡରେ ଲାଇଟ ଲଗା ଯାଉନି । ନିକଟରେ ଖଟଖଟିଆ ପଞ୍ଚାୟତ ପରିସରରେ ଚାଲିଥିବା ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିରରେ ଲୋକେ ଅଭିଯୋଗ କରିଥିଲେ । ଜିଲ୍ଲାପାଳ ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ଅପରପକ୍ଷେ ସପ୍ତାହେ ମଧ୍ୟରେ ବସଷ୍ଟାଣ୍ଡରେ ଷ୍ଟ୍ରିଟ ନ ଲଗାଇଲେ ଗ୍ରାମବାସୀ ପଞ୍ଚାୟତରେ ତାଲା ପକାଇବେ । ମନମୁଣ୍ଡା-କଣ୍ଟାମାଳ ରାଜ୍ୟ ରାଜପଥ ଅବରୋଧ କରି ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

## ନିୟମିତ ହେଲେ ୨୬ କନିଷ୍ଠ ଶିକ୍ଷକ

ଶଗଡ଼ା/କଣ୍ଟାମାଳ, ୨୫ ।୧୨(ସମିସ): କଣ୍ଟାମାଳ ବ୍ଲକର ୨୬ ଜଣ ଶିକ୍ଷକ ୬ ବର୍ଷ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ଭାବରେ କାମ କରିବା ପରେ ନିୟମିତ ହୋଇଛନ୍ତି । କଣ୍ଟାମାଳ ହାଇସ୍କୁଲରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନୋଜ ସେଠି ସମସ୍ତ ଶିକ୍ଷକଙ୍କୁ ନିୟମିତ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି । ଏହି ସଭାରେ ଏବିଇଓ ଦୁର୍ଗାପ୍ରସାଦ ପ୍ରଧାନ, ଲକ୍ଷ୍ମୀ ମଲ୍ଲିକ ଓ ବରିଷ୍ଠ କିରାଣି ସୁଦାମ ମିଶ୍ରଙ୍କ ଉପସ୍ଥିତ ଥିଲେ ।




## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଲେ ଆଶି

**ତରଭା, ୨୫।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଅଧୀନ ଛୋଟିଆ ଗାଁ କମସରା । ଐତିହାସିକ ରାଣୀଝୁଲା ପାହାଡ଼ ପାଦଦେଶରେ ଥିବା ଏହି ଗ୍ରାମର ୭ ବର୍ଷର ଝିଅ ଆଶି ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇବା ଅଞ୍ଚଳ ପାଇଁ ଗୌରବର ବିଷୟହୋଇଛି । ଶିକ୍ଷକ ପ୍ରମୋଦ ସାମନ୍ତରା ଓ ପ୍ରତିମା ହୋତାଙ୍କ ଝିଅ ଆଶି କମସରା ଶିଶୁ ବିଦ୍ୟାମନ୍ଦିରର ଦ୍ୱିତୀୟ ଶ୍ରେଣୀ ଛାତ୍ରୀ । ଅସାଧାରଣ ସ୍ମରଣଶକ୍ତିର ଅଧିକାରୀଣୀ ଆଶି ଥରେ ଯେଉଁ ପୁସ୍ତକ ପଢୁଛନ୍ତି ତାହାକୁ ସେ ମୁଖସ୍ଥ କରି ଦେଉଛନ୍ତି । ଏହି ଧିଶକ୍ତି ଯୋଗୁଁ ଘରେ ତଥା ବାହାରେ ଏପରିକି ବିଦ୍ୟାଳୟରେ ସେ ସମସ୍ତଙ୍କ ପ୍ରିୟ। ଆଶିର ପ୍ରଖର ସ୍ମରଣଶକ୍ତିକୁ ଦେଖି ତାଙ୍କ ପିତା ପ୍ରମୋଦ ଓ ମାତା ପ୍ରତିମା ଅନଲାଇନରେ ଝିଅକୁ ଇଣ୍ଡିଆ ବୁକ ଅଫ ରେକର୍ଡ ପାଇଁ ପରୀକ୍ଷା ଦେବାକୁ ପ୍ରସ୍ତୁତ କରିଥିଲେ । ଅକ୍ଟୋବରରେ ଆଶିର ନାମ ପଞ୍ଜୀକରଣ କରାଯାଇଥିଲା । ନଭେମ୍ବର ମାସରେ ହୋଇଥିବା ପରୀକ୍ଷାରେ ସେ ୪ ମିନିଟ ୫୮ ସେକେଣ୍ଡରେ ସଂସ୍କୃତରେ ୫୦ଟି ସାଧାରଣ ଜ୍ଞାନ ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇ ଏହି ସଫଳତା ହାସଲ କରି କରିଛନ୍ତି । ଆଶି କେବଳ ସଂସ୍କୃତ ନୁହଁ ଓଡ଼ିଆ, ହିନ୍ଦୀ ଓ ଇଂରାଜୀରେ ଲେଖିବା ଓ କହିବାରେ ମଧ୍ୟ ବେଶ ପାରଦର୍ଶିତା ହାସଲ କରିଛନ୍ତି ।




# ସୁଶାସନ ଦିବସରେ ବାଜପେୟୀଙ୍କୁ ସ୍ମରଣ





**ବୌଦ୍ଧ, ୨୫ ।୧୨(ସମିସ):**

ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁଶାସନ ଦିବସ ପାଳିତ ହୋଇଛି । ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଜନ୍ମ ଦିବସ ଉପଲକ୍ଷେ ଏହି ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ସୁବ୍ରତ ପଣ୍ଡା ଅଧ୍ୟକ୍ଷତା କରିଥିଲେ । ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପଜିଲ୍ଲାପାଳ ପ୍ରଭାସ ଦଣ୍ଡସେନା ପ୍ରମୁଖ ଯୋଗ ଦେଇ ବାଜପେୟୀଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସମବାୟ ସମିତିର ଉପ ନିବନ୍ଧକ ହାଡିବନ୍ଧୁ ମହାକୁଡ଼ ପରିଚାଳନା କରିଥିଲେ । ଶଗଡ଼ା/କଣ୍ଟାମାଳ: ବୌଦ୍ଧ ଜିଲ୍ଲା କଣ୍ଟାମାଳସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ମଧ୍ୟ ସୁଶାସନ ଦିବସ ପାଳିତ ହୋଇଛି । ଆଦିବାସୀ ମୋର୍ଚ୍ଚା ସଭାପତି ଡମ୍ବରୁଧର କହଁର, ଠାକୁର ଚରଣ ନାଏକ, ସୁଶୀଲ ପାଣିଗ୍ରାହୀ, ପ୍ରଦୀପ ଦାସ, ରାଜୀବ ମିଶ୍ର, ଅନଙ୍ଗ, ପ୍ରଧାନ, ଅଶୋକ ଖଟୁଆ, ମହେନ୍ଦ୍ର ସାହୁ, ବିଜୁ ସାହୁ, ଝସାରୀ ବାଘ, ଉମେଶ କହଁର, ଗୋବର୍ଦ୍ଧନ ମିଶ୍ର, କରୁଣା ପୋଡ଼, ସୁବାସ ସେଠୀ, ବାବୁଲୁ ବଡ଼ିଆ, ମନରଞ୍ଜନ ବାରିକ, ଯୁଗେଶ୍ୱର ବଘାର, ଦିବ୍ୟ ପୃଷ୍ଟି ଓ ସମୀର ବାଘ ପ୍ରମୁଖ ବାଜପେୟୀଙ୍କ ଉପରେ ବର୍ଣ୍ଣନା କରିଥିଲେ । ମନମୁଣ୍ଡା: ମନମୁଣ୍ଡା ଡାକବଙ୍ଗଳାରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଅଧ୍ୟକ୍ଷତା କରିଥିଲେ । ନିରଞ୍ଜନ କର୍ଣ୍ଣ, ଶିବ ନାରାୟଣ ଚୋଉଳିଆ, ରାଜୁ ନାଏକ, ରଞ୍ଜନ ପଟ୍ଟନାୟକ, ଦେବେନ୍ଦ୍ରେ ନଇ, ପ୍ରେମଦାର ସା ପ୍ରମୁଖ ଉପସ୍ଥିତ ଥିଲେ ।

## ନିରନ୍ତର ଦକ୍ଷତା ବୃଦ୍ଧି ତାଲିମ ଶିବିର

**ଲଛିପୁର, ୨୫।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ନାଇକେନପାଲି ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଆଶାମାନଙ୍କ ନିରନ୍ତର ଦକ୍ଷତା ବୃଦ୍ଧି ତାଲିମ ଶିବିର ଡା. ରାମଶଙ୍କର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ପରିବାର କଲ୍ୟାଣ ବିଭାଗ ପାରିପାର୍ଶ୍ୱିକ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଡା. ଚିତ୍ତରଞ୍ଜନ ତ୍ରିପାଠୀ, ଡା. ଲୋପାମୁଦ୍ରା ପ୍ରଧାନ, ଡା. ମାତାଙ୍ଗିନୀ ମହନ୍ତ, ଡା.ପ୍ରସନ୍ନ ଦାସ, ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ପ୍ରିୟରଞ୍ଜନ ସାହୁ, ବହୁମୁଖୀ ସ୍ୱାସ୍ଥ୍ୟକ୍ଷେତ୍ର ପରିଦର୍ଶକ ସିମାଞ୍ଚଳ ଦାସ ଉପସ୍ଥିତ ଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ନାଇକେନପାଲି ଓ ସୋନପୁର ମୁନସିପାଲଟି ଅଧୀନସ୍ଥ ସମସ୍ତ ଆଶା ଉପସ୍ଥିତ ଥିଲେ । ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶାନ୍ତନୁ ମେହେର ଓ ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ପ୍ରିୟରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ସୁଶାନ୍ତ ନାଏକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ସହଯୋଗ କରିଥିଲେ ।

## ଟ୍ରେଲରକୁ ପିଟିଲା ଅନ୍ୟ ଏକ ଟ୍ରେଲର, ଚାଳକ ଗୁରୁତର



**ହେମଗିରି, ୨୫।୧୨(ସମିସ):** ହେମଗିର ଥାନା ଏମ୍‌ସିଏଲ୍ କନିକା ମୁଖ୍ୟ ରାସ୍ତାର ବ୍ରାହ୍ମଣୀ ନିକଟରେ ବୁଧବାର ସନ୍ଧ୍ୟାରେ ଏମ୍‌ସିଏଲ ପଟୁ କୋଇଲା ବୋଝେଇ କରି କନିକା ସାଇଡିଂକୁ ଆସୁଥିବା ଏକ ଟ୍ରେଲର (ଓଡି୨୩ବି୮୦୭୨) ଭାରସାମ୍ୟ ହରାଇ ଅନ୍ୟ ଏକ ଟ୍ରେଲର୍ ପଛପଟେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଟ୍ରେଲର୍ ଚାଳକ ଗୁରୁତର ଆହତ ହୋଇଥିଲେ। ଏ ନେଇ ସ୍ଥାନୀୟ ଲୋକେ ଗୁରୁତର ଚାଳକଙ୍କୁ ଉଦ୍ଧାର କରି ହେମଗିର ଡାକ୍ତରଖାନାକୁ ପଠାଇଥିଲେ। ଉଲ୍ଲେଖ ଥାଉ ଯେ ଉକ୍ତ ରାସ୍ତାରେ କୋଇଲା ବୋଝେଇ କିଛି ଟ୍ରେଲର୍ ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁଁ ରାସ୍ତାରେ ଭିଡ଼ ହେଉଛି। ଏହା ସହ ରାସ୍ତାରେ କୋଇଲା ଗୁଣ୍ଡ ପଡ଼ିବା ଯୋଗୁଁ ପ୍ରଦୂଷଣ ବଢ଼ିବା ଓ ଯାତାୟତ ବାଧାପ୍ରାପ୍ତ ହେବା ସହ ସଡ଼କ ଦୁର୍ଘଟଣା ମଧ୍ୟ ବଢ଼ୁଛି। ଏଥିପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଉକ୍ତ ଜାଗାରେ ହମ୍ପସ୍ ନିର୍ମାଣ ପାଇଁ ଅନେକ ଦିନ ଧରି ଦାବି ହୋଇଆସୁଛି।

# ଦୁର୍ଘଟଣାରେ ବୃଦ୍ଧା ମୃତ; ରାସ୍ତା ଅବରୋଧ

**ସୁନ୍ଦରଗଡ଼, ୨୫।୧୨(ସମିସ)**

୧୦ ନମ୍ବର ରାଜ୍ୟ ରାଜପଥର ଭଷ୍ମା ଥାନା ଅନ୍ତର୍ଗତ ମସ୍କିକାନୀ ନିକଟରେ ବୁଧବାର ଅପରାହ୍ଣରେ ଓଡି ୧୪ଡବ୍ଲ୍ୟୁ ୭୬୧୧ ନମ୍ବର ବିଶିଷ୍ଟ ଏକ ଭାରିଯାନ ଧକ୍କା ଦେବାରୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧାଙ୍କ ନାମ ଶାନ୍ତି ମୁଣ୍ଡା (୭୦)। ଅପରାହ୍ଣ ପ୍ରାୟ ସାଢ଼େ ୩ଟା ସମୟରେ ଶାନ୍ତି ଗାଁ ପୋଖରୀକୁ ଯାଉଥିବାବେଳେ ସୁନ୍ଦରଗଡ଼ ପଟେ ଯାଉଥିବା କୋଇଲା ବୋଝେଇ ଏହି ଭାରିଯାନଟି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ଘଟିଥିଲା। ଖବର ପ୍ରଚାରିତ ହେବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଇଥିଲା। ଉତ୍ତେଜିତ ଗ୍ରାମବାସୀ ଉପଯୁକ୍ତ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ଆଇଆଇସି ଅଶୋକ କୁମାର ଦାଶ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ଜିଲ୍ଲା ରେଡ୍‌କ୍ରସ୍ ପାଣ୍ଠିରୁ ୨୦ ହଜାର ଟଙ୍କା ପ୍ରଦାନ କରାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ସେମାନେ ରାସ୍ତା ଅବରୋଧରୁ ହଟିଥିଲେ। ପୁଲିସ ମୃତଦେହ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମର୍ଗ ହାଉସରେ ସଂରକ୍ଷିତ ରଖିଛି। ଗୁରୁବାର ବ୍ୟବଚ୍ଛେଦ କରାଯିବ।

## ଦିବ୍ୟାଙ୍ଗ ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗ

**ସୁନ୍ଦରଗଡ଼, ୨୫।୧୨(ସମିସ):** ତଳସରା ଥାନା ଅନ୍ତର୍ଗତ ପତେଇମୁଣ୍ଡା ଗ୍ରାମର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ୨୫ ବର୍ଷୀୟା ଦିବ୍ୟାଙ୍ଗ ଯୁବତୀଙ୍କ ପରିବାର ସହିତ ଗ୍ରାମର ରାଜକୁମାର କିସାନଙ୍କ ପାରିବାରିକ ସମ୍ପର୍କ ରହିଛି। ଏହି ସୁଯୋଗରେ ସେ ତାଙ୍କ ଘରକୁ ନିୟମିତ ଆସୁଥିବାବେଳେ ୬ ମାସ ପୂର୍ବରୁ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବାକୁ କହିଥିଲେ। ମାତ୍ର ଯୁବତୀ ଜଣକ ମନା କରିଥିଲେ। ତେବେ ଅଭିଯୁକ୍ତ ରାଜକୁମାର ଦିନେ ଘରେ କେହି ନ ଥିବାବେଳେ ବଳ ପୂର୍ବକ ଦୁଷ୍କର୍ମ କରିଥିଲେ। ଏଥିସହ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଯୁବତୀ ଜଣକ ଲୋକଲଜ୍ଜା ଭୟରେ ଘଟଣା ସମ୍ପର୍କରେ କାହାକୁ କହି ନ ଥିଲେ। ମାତ୍ର ଏବେ ସେ ୫ ମାସର ଗର୍ଭବତୀ ହୋଇଥିବାବେଳେ ରାଜ କୁମାର ଧରାଛୁଆଁ ଦେଉନାହାନ୍ତି। କେଉଁଆଡ଼େ ଫେରାର ହୋଇ ଯାଇଛନ୍ତି। ଯୁବତୀଙ୍କ ମୋବାଇଲ ନମ୍ବରକୁ ବ୍ଲାକ୍ ଲିଷ୍ଟରେ ପକାଇ ରଖିଛନ୍ତି। ଘଟଣା ସମ୍ପର୍କରେ ରାଜକୁମାରଙ୍କ ମା' ବାପାଙ୍କୁ ଜଣାଇବାରୁ ସେମାନେ ତାଙ୍କୁ ବୋହୂ ଭାବେ ଗ୍ରହଣ କରିବାକୁ ରୋକ୍‌ଠୋକ୍ ମନା କରି ଦେଇଛନ୍ତି। ଫଳରେ ଯୁବତୀ ଜଣକ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ରାସ୍ତାର ନାଁ 'ଅଟଳ ପଥ' ଘୋଷିତ

**ସୁନ୍ଦରଗଡ଼, ୨୫।୧୨(ସମିସ):** ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ସୁନ୍ଦରଗଡ଼ର ଶଙ୍କରା ପାରିଜାତ ପାର୍କ ସମ୍ମୁଖ ରାସ୍ତାକୁ ତାଙ୍କ ନାମରେ ଉତ୍ସର୍ଗୀକୃତ କରାଯାଇଛି। ପାରିଜାତ ପାର୍କ ଠାରୁ ହସ୍ପିଟାଲ୍ ଛକ ପର୍ଯ୍ୟନ୍ତ ଏହି ରାସ୍ତା ଆଜି ଠାରୁ ଅଟଳ ପଥ ନାମରେ ନାମିତ ହେଲା ବୋଲି କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ଘୋଷଣା କରିଛନ୍ତି। ଏହି ଅବସରରେ ପୌରାଧ୍ୟକ୍ଷା ତନୟା ମିଶ୍ର, ପୂର୍ବତନ ବିଧାୟିକା ଶ୍ରୀମତୀ କୁସୁମ ଟେଟେ ପ୍ରମୁଖ ଉପସ୍ଥିତ ଥିଲେ।

## ଟାଉନ ଥାନା ଅଞ୍ଚଳରେ ସିରିଜ୍ ଚୋରି

**ସୁନ୍ଦରଗଡ଼, ୨୫।୧୨(ସମିସ):** ମଙ୍ଗଳବାର ରାତିରେ ସୁନ୍ଦରଗଡ଼ ଟାଉନ ଥାନା ଅଞ୍ଚଳରେ ସିରିଜ୍ ଚୋରି ହୋଇ ଯାଇଛି। ବିଜା ପଡ଼ାର ଚାରୋଟି ଘର ଓ ଫିଙ୍ଗିଂ ପଡ଼ାର ୩ ଟି ଘରୁ ଚୋରି ହୋଇଛି। ଡକାୟତ ମାନେ ଟଙ୍କା, ସୁନା ଗହଣା, କ୍ୟାମେରା ଓ ମୋବାଇଲ ସବୁ ଚୋରି କରି ନେଇ ଯାଇଛନ୍ତି। ଏହି ଚୋରି ଗତ ମଧ୍ୟରାତ୍ର ପ୍ରାୟ ୧୨ ଟାରୁ ୩:୩୦ ମିନିଟ ମଧ୍ୟରେ ଘଟିଥିବା ଅନୁମାନ କରାଯାଉଛି। ସମସ୍ତଙ୍କ ଘରର କବାଟ ଓ ଆଲମାରିର କେବଳ ତାଲା ଭଙ୍ଗି ଚୋରି ହୋଇଛି। ଡକାୟତ ମାନେ ହାଇଡ୍ରୋଲିକ ଲକ୍ ବ୍ରେକର ବ୍ୟବହାର କରିଥିବା ପୁଲିସ ସନ୍ଦେହ କରୁଛି। ଜୁଲିଅସ କେରକେଟାଙ୍କ ଅଭିଯୋଗ କ୍ରମେ ପୁଲିସ ମାମଲା ରୁଜୁ କରି ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛି।

**ଡାକ୍ତରଖାନାରୁ ରୋଗୀଙ୍କୁ ଫେରାଇଦେବା ଘଟଣା**

## ରୋଗୀଙ୍କୁ ଭେଟିଲେ ଜୁଏଲ, ଭବାନୀ

**ବଡ଼ଗାଁ, ୨୫।୧୨(ସମିସ):** ଗତ ଜୁନ୍ ମାସରେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣେ ରୋଗୀଙ୍କୁ ବୁର୍ଲା ଡାକ୍ତରଖାନା କର୍ତ୍ତୃପକ୍ଷ ଜୋର ଜବରଦସ୍ତ ଡାକ୍ତରଖାନାରୁ ଘରକୁ ପଠାଇଦେବା ଭଳି ଅଭିଯୋଗ ଶୁଣି ବୁଧବାର କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ, ବିଧାନସଭା ଉପ ବାଚସ୍ପତି ଭବାନୀ ଭୋଇ, ପୂର୍ବତନ ମନ୍ତ୍ରୀ ମଙ୍ଗଳା କିସାନ, ପୂର୍ବତନ ବିଧାୟିକା କୁସୁମ ଟେଟେ, ବଡ଼ଗାଁର ସମାଜସେବୀ ରାମଚନ୍ଦ୍ର ନାଏକ ପ୍ରମୁଖ ଡାକ୍ତରଖାନାକୁ ଯାଇ ଗୁରୁତର ଥିବା ରୋଗୀଙ୍କୁ ଭେଟିବା ସହିତ ଏହି ଘଟଣାରେ ହସ୍ତକ୍ଷେପ କରିବାକୁ କଥା ଦେଇଛନ୍ତି। ସୂଚନା ଯୋଗ୍ୟ ଯେ ଗତ ଜୁନ୍ ୧ତାରିଖ ଦିନ ସମ୍ବଲପୁର ରେଙ୍ଗାଲି ଥାନା ନିକଟରେ ବଡ଼ଗାଁର ପରମାନନ୍ଦ ପାଣିଗ୍ରାହୀଙ୍କ ପୁଅ ତୁଷାର ପାଣିଗ୍ରାହୀ ଓ ଲିସା ପାଣିଗ୍ରାହୀ ବାଇକ୍‌ରେ ଯାଉଥିଲା ବେଳେ ଏକ ଟ୍ରକ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ତୁଷାରଙ୍କ ମୃତ୍ୟୁ ହୋଇଥିଲା ଓ ତାଙ୍କ ପତ୍ନୀ ଗୁରୁତର ହୋଇଥିଲେ। ମାତ୍ର ସୋମବାର ଆଇସିୟୁରୁ କାଢ଼ି ତାଙ୍କୁ ଦେଖାରେଖା କରୁଥିବା ଜଣେ ମହିଳାଙ୍କ ସହିତ ବଡ଼ଗାଁ ଫେରାଇ ଦିଆଯାଇଥିଲା।

## କୋଶଳ ସମାଜ ପକ୍ଷରୁ କମ୍ବଳ ବିତରଣ



**ସୁନ୍ଦରଗଡ଼, ୨୫।୧୨(ସମିସ):** ସୁନ୍ଦରଗଡ଼ ବଡ଼ପତ୍ରାପାଲିସ୍ଥିତ ପ୍ରାଉଟ ଷ୍ଟଡି ସର୍କଲଠାରେ କୋଶଳ ସମାଜ ଓ ଆନନ୍ଦ ମାର୍ଗ ୟୁନିଭର୍ସାଲ ରିଲିଫ ଟିମ୍ ପକ୍ଷରୁ ଗରିବ ବୃଦ୍ଧ ବୃଦ୍ଧା, ବିଧବା ଓ ଭିନ୍ନକ୍ଷମଙ୍କୁ କମ୍ବଳ ବିତରଣ କରାଯାଇଥିଲା। କୋଶଳ ସମାଜର ଉପଦେଷ୍ଟା ନବୀନ ଚନ୍ଦ୍ର ପଟେଲ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ କୁସୁମ ପଟେଲ ଓ ଯଶୋବନ୍ତ ଗୁରୁ ଯୋଗ ଦେଇଥିଲେ। କୋଶଳ ସମାଜ ମହାସଚିବ ଦିଲ୍ଲୀପ କୁମାର ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିବାବେଳେ କୋଶଳ ସମାଜ କେନ୍ଦ୍ରୀୟ ମହିଳା ସଚିବ ପଦ୍ମା ଦେବୀ ସଭା ପରିଚାଳନା କରିଥିଲେ। ପ୍ରଦୀପ ପଣ୍ଡା ଓ ସଞ୍ଜୁ ପଣ୍ଡା ସହଯୋଗ କରିଥିଲେ।

## ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ନେଇ ମନ୍ଥନ ଶିବିର




**ସୁନ୍ଦରଗଡ଼, ୨୫।୧୨(ସମିସ):** ସ୍ଥାନୀୟ ବିକାଶ ଭବନଠାରେ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ନେଇ ମନ୍ଥନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ପାନପୋଷ ଉପ ଜିଲ୍ଲାପାଳ ବିଜୟ ନାୟକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାନପୋଷର ପ୍ରକଳ୍ପ ପ୍ରଶାସକ ପରମାନନ୍ଦ ପୃଷ୍ଟି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ୫ ବର୍ଷ ଧରି ଚାଲିବାକୁ ଥିବା ଏହି ଅଭିଯାନରେ ଚିହ୍ନିତ ହୋଇଥିବା ଜିଲ୍ଲାର ୮୧୨ଟି ଗ୍ରାମ, ଯେଉଁଠାରେ କି ୫୦୦ରୁ ଅଧିକ ଆଦିବାସୀ ରହୁଛନ୍ତି କିମ୍ବା ଯେଉଁ ଗ୍ରାମର ୫୦ ପ୍ରତିଶତ ଆଦିବାସୀ ରହିଛନ୍ତି ସେହିମାନଙ୍କ ପାଇଁ ଏହି ଅଭିଯାନ ଅନୁଯାୟୀ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ୟୁଏନ୍‌ଡିପି ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୭ଟି ବିଭାଗର ଅଧିକାରୀ ସାମିଲ ହୋଇ ବିଭାଗୀୟ ଯୋଜନା ଓ କାର୍ଯ୍ୟକ୍ରମ କିପରି ଆଦିବାସୀ ଜନଜାତି ରହୁଥିବା ଅଞ୍ଚଳମାନଙ୍କରେ ହେବ, ସେ ନେଇ ଯୋଜନା ପ୍ରସ୍ତୁତ କରିବା ପାଇଁ ଆଲୋଚନା କରିଥିଲେ। ଏହି ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଗତ ନଭେମ୍ବର ୧୫ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ଓଡ଼ିଶାର ୨୭ ଟି ଜିଲ୍ଲାର ୨୪୩ ଗୋଟି ବ୍ଲକର ୭୬୬୭ ଗୋଟି ଗ୍ରାମରେ ଏହି ଅଭିଯାନ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ଚାଲିବ।

## ସୁନ୍ଦରଗଡ଼ରେ ବଡ଼ଦିନ ପାଳିତ



**ସୁନ୍ଦରଗଡ଼, ୨୫।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲାରେ ଆନନ୍ଦ ଉଲ୍ଲାସର ସହ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ଦିବସ ତଥା ବଡ଼ ଦିନ ପାଳିତ ହୋଇଯାଇଛି। ଏହି ଅବସରରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟରେ ଅନେକ ଦିନ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଘର ଦ୍ୱାରା ପରିଷ୍କାର ପରିଚ୍ଛନ୍ନ କରିବା ସହ ନୂଆ ପୋଷାକ ପରିଧାନ କରିଥିଲେ। ବିଭିନ୍ନ ପିଠା ପଣା ପ୍ରସ୍ତୁତ କରିଥିଲେ। ପରିବାରର ସଦସ୍ୟମାନେ ଯେ କୌଣସି ସ୍ଥାନରେ ବାହାରେ ବିଭିନ୍ନ କାର୍ଯ୍ୟ କରୁଥିଲେ ମଧ୍ୟ ପର୍ବ ନିମନ୍ତେ ନିଜ ଘରକୁ ଆସିଛନ୍ତି। ପରିବାରର ସମସ୍ତେ ଏକାଠି ହୋଇ ଏହି ପର୍ବକୁ ପାଳନ କରିଛନ୍ତି। ମଙ୍ଗଳବାର ରାତିରେ ସମସ୍ତେ ଗୀର୍ଜାକୁ ଯାଇ ଜନ୍ମ ଉତ୍ସବର ପ୍ରାର୍ଥନା କରିଥିଲେ। ସେହିପରି ବୁଧବାର ସକାଳେ ଗୀର୍ଜା ଯାଇ ପ୍ରାର୍ଥନା କରିବା ସହ ନିଜ ନିଜ ଘରେ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ପର୍ବର ଖୁସି ମନାଇ ଥିଲେ। ଗୀର୍ଜା ଘରଗୁଡ଼ିକ ସୁସଜ୍ଜିତ ଆଲୋକମାଳାରେ ଝଲସି ଉଠୁଛି।

## ଜିଲ୍ଲାସ୍ତରୀୟ ଜୁନିଅର ବାଳକ ବାଳିକା ସିପକ୍‌ଟାକ୍ରୋ ଚୟନ ପ୍ରତିଯୋଗିତା

**ସୁନ୍ଦରଗଡ଼, ୨୫।୧୨(ସମିସ):** ଆସନ୍ତା ବର୍ଷର୍ ଜାନୁଆରୀ ୨ତାରିଖ ସକାଳ ୮ଟାରୁ ଜିଲ୍ଲାସ୍ତରୀୟ ଜୁନିଅର ବାଳକ ବାଳିକା ସିପକ୍‌ଟାକ୍ରୋ ଚୟନ ପ୍ରତିଯୋଗିତା ଯୋଗୀମାଲଠାରେ ଅନୁଷ୍ଠିତ ହେବ। ୨୦୦୫ ଜାନୁଆରୀ ୧ ତାରିଖ କିମ୍ବା ପରେ ଜନ୍ମ ଗ୍ରହଣ କରିଥିବା ଖେଳାଳି ନିଜ ଜନ୍ମ ପ୍ରମାଣ ପତ୍ର, ଆଧାର କାର୍ଡ ଓ ୪ଟି ପାସ୍‌ପୋର୍ଟ ଫଟୋ ସହିତ ଚୟନ ପ୍ରତିଯୋଗିତାସ୍ଥଳରେ ଦାଖଲ କରି ନାମ ପଞ୍ଜୀକରଣ କରି ପାରିବେ। ମନୋନୀତ ଜିଲ୍ଲା ଦଳ ଜାନୁଆରୀ ୩ ଓ ୪ ତାରିଖରେ କନ୍ଧମାଳ ଜିଲ୍ଲା ଜି. ଉଦୟଗିରିରେ ହେବାକୁ ଥିବା ୨୩ ତମ ରାଜ୍ୟ ସ୍ତରୀୟ ଜୁନିଅର ସିପକ୍‌ଟାକ୍ରୋ ଚୟନ ପ୍ରତିଯୋଗିତାରେ ଭାଗ ନେବେ। ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ସିପକ୍‌ଟାକ୍ରୋ କୋଚ୍ ଲିପ୍ସା ଷଡ଼ଙ୍ଗୀଙ୍କୁ ଯୋଗାଯୋଗ କରିବା ପାଇଁ ସୁନ୍ଦରଗଡ଼ ଜିଲ୍ଲା ସିପକ୍‌ଟାକ୍ରୋ ସଂଘର ସଭାପତି ସିଦ୍ଧାର୍ଥ ବକ୍ସି ସୂଚନା ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ସୁଶାସନ ଦିବସ




**ସୁନ୍ଦରଗଡ଼, ୨୫।୧୨(ସମିସ):** ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ଅବସରରେ ବୁଧବାର ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ସଂସ୍କୃତି ଭବନ ପ୍ରେକ୍ଷାଳୟଠାରେ ଆୟୋଜିତ ଉକ୍ତ ସମାରୋହ ପ୍ରାରମ୍ଭରେ ଅତିଥିମାନେ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ବାଜପେୟୀଙ୍କ ଜୀବନୀ ଉପରେ କହିଥିଲେ। ଜିଲ୍ଲାପାଳ ମନୋଜ ମହାଜନ ଏଥିରେ ଅଧ୍ୟକ୍ଷତା କରି ବାଜପେୟୀଙ୍କ ଜୀବନୀ ଓ ଆଦର୍ଶ ଅତ୍ୟନ୍ତ ପ୍ରେରଣାଦାୟୀ ବୋଲି ପ୍ରକାଶ କରିଥିଲେ। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଜପେୟୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାନ ସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡ଼ ପୌର ପରିଷଦ ଅଧ୍ୟକ୍ଷା ତନୟା ମିଶ୍ର, ପୂର୍ବତନ ବିଧାୟିକା କୁସୁମ ଟେଟେ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏକ କବି ସମ୍ମିଳନୀ ହୋଇଥିଲା। ଏଥିରେ ଗୋପ କୃଷ୍ଣ ନାୟକ, ଗଣେଶ ତ୍ରିପାଠୀ, ସମରେନ୍ଦ୍ର ଠାକୁର, ପୁଷ୍ପଲତା ପାଣିଗ୍ରାହୀ, ରାମେଶ୍ୱର ପଟେଲ, ଚୈତାଳି ଦତ୍ତ ପ୍ରମୁଖ କବିତା ପାଠ କରିଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶେଷଦେବ ନନ୍ଦ ପରିଚାଳନା କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂତନ କୃଷି ପ୍ରାଥମିକ ସମବାୟ ସମିତିର ଶୁଭାରମ୍ଭ



**ସୁନ୍ଦରଗଡ଼, ୨୫।୧୨(ସମିସ):** ଆଜି ଦେଶ ତଥା ରାଜ୍ୟରେ ନୂତନ ଭାବେ ଗଠିତ କୃଷି ପ୍ରାଥମିକ ସମବାୟ ସମିତିର ଶୁଭାରମ୍ଭ ଜାତୀୟସ୍ତରରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହା ଏବଂ ରାଜ୍ୟସ୍ତରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି। ଏହିକ୍ରମରେ ସ୍ଥାନୀୟ ସଂସ୍କୃତି ଭବନଠାରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ପ୍ରଦର୍ଶନ କରାଯାଇଛି। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଡିଆର୍‌ସି ଏସ୍ ଉମାଶଙ୍କର ଦାସଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ତଥା ନୂତନ ସମିତିର ଚାଷୀ ଓ କର୍ମଚାରୀବୃନ୍ଦ ଉପସ୍ଥିତ ରହି ଜାତୀୟ ସ୍ତରୀୟ ଏବଂ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ଦେଖିଥିଲେ। ଲୋକ ସେବା ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପ୍ରମୁଖ ଶାସନ ସଚିବଙ୍କ ସମେତ ଅନ୍ୟ ସଚିବ ଓ ସମବାୟ ନିବନ୍ଧକ ଉପସ୍ଥିତ ଥିଲେ।

## ଅଠରଗଡ଼ ଫୁଲମାଳି ସାମାଜର ବାର୍ଷିକୋତ୍ସବ



**ହେମଗିରି, ୨୫।୧୨(ସମିସ):** ହେମଗିରିଠାରେ ଅଠରଗଡ଼ ଫୁଲମାଳି ସମାଜର ଦ୍ୱାଦଶତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ସୁନ୍ଦରଗଡ଼ ଜିଲ୍ଲା ସମେତ ଅନ୍ୟ ଜିଲ୍ଲା ଏବଂ ପଡ଼ୋଶୀ ରାଜ୍ୟ ଛତିଶଗଡ଼ରୁ ବହୁ ଅତିଥି ସମାଜର ମହିଳା ପୁରୁଷ ଉତ୍ସବରେ ଯୋଗ ଦେଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଆଞ୍ଚଳିକ କରମା ନାଚ ସହ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ବୁଧବାର ସମାଜର ପଦାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଅବସରରେ ସଦର ବିଧାୟକ ଯୋଗେଶ କୁମାର ସିଂ ଏବଂ ସମାଜସେବୀ ସୁକାନ୍ତ ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଫୁଲମାଳି ସମାଜର ସ୍ୱର୍ଗତ ପଦାଧିକାରୀଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ କୁନି ପିଲାଙ୍କ ଜିଲାପି ଡିଆଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମାଜ ପକ୍ଷରୁ ଫୁଲଝୁଡ଼ି ପୁସ୍ତକ ଉନ୍ମୋଚିତ ହୋଇଥିଲା।

## ଶବବାହକ ଯାନ ଲୋକାର୍ପିତ

**ରାଉରକେଲା, ୨୫।୧୨(ସମିସ):** ରାଉରକେଲା ମାଇନିଂ ଏରିଆ ଟ୍ରକ୍ ଆଣ୍ଡ ଟିପ୍ପର ଓନସ୍‌ର୍ ଆସୋସିଏସନ୍ ପକ୍ଷରୁ ଆଉ ଏକ ଶବ ବାହକ ଯାନ ସୋମବାର ଲୋକାର୍ପିତ ହୋଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ଏହି ନୂତନ ଶବ ବାହକ ଯାନକୁ ଲୋକାର୍ପଣ କରିଥିଲେ। ଏହା ପୂର୍ବରୁ ୨୦୨୩ ଡିସେମ୍ବର ମାସରେ ପ୍ରଥମ ଶବ ବାହକ ଗାଡ଼ି ରାଉରକେଲାବାସୀଙ୍କ ପାଇଁ ଲୋକାର୍ପଣ କରାଯାଇଥିଲା। ବହୁ ଗରିବ ଓ ଅବହେଳିତ ବର୍ଗର ଲୋକ ଏହାର ସେବା ପାଇପାରୁଛନ୍ତି। ବର୍ଷକ ମଧ୍ୟରେ ୨୪୫ରୁ ଉର୍ଦ୍ଧ୍ୱ ଶବ ବେଦବ୍ୟାସରେ ପହଞ୍ଚାଯାଇପାରିଛି। ଶ୍ରୀ ରାୟ ଆସୋସିଏସନ୍‌ର ଏହି ମହତ କାମ ପାଇଁ ସଭାପତି ଦିଲ୍ଲୀପ ମହାନ୍ତି ଓ ସମସ୍ତ ସଦସ୍ୟଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ଶିବା ବିଷୋୟୀ, ଉପସଭାପତି ଶ୍ରୀନିବାସ ରାଓ, କାର୍ଯ୍ୟକାରୀ ସଭାପତି ଶତ୍ରୁଘ୍ନ ମିଶ୍ର, ଯୁଗ୍ମ ସମ୍ପାଦକ ବିଶ୍ୱନାଥ ସାହୁ, ବିଶ୍ୱମ୍ବର ସାମଲ, କୋଷାଧ୍ୟକ୍ଷ ସୁମନ୍ତ କୁମାର ବୈରିବାଡ଼ଙ୍କ ସମେତ ବିଜୟ କୁମାର ପ୍ରଧାନ, ବିଶ୍ୱରଞ୍ଜନ ବେଉରା, ଗୌତମ ବାଡ଼ା, ଅନୁପ କୁମାର, ହରିହର ରାଉତରାୟ, ସମାଜସେବୀ ଅମିତାଭ ସାମଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଚୁନୁ ଚୌବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିନୟଙ୍କ ଆତ୍ମୀୟତାକୁ ମନେପକାଇଲେ ସଭିଏଁ



**ବଡ଼ଗାଁ, ୨୫।୧୨(ସମିସ):** ବଡ଼ଗାଁ ଅଞ୍ଚଳର ବହୁ ପରିଚିତ ରାଜନେତା ବିନୟ କୁମାର ପଣ୍ଡାଙ୍କ ସହିତ ସମସ୍ତଙ୍କ ଆନ୍ତରିକତା ରହିଥିଲା। ସେ ଦଳ ମତ ନିର୍ବିଶେଷରେ ସମସ୍ତଙ୍କୁ ଆପଣାର କରି ନେଉଥିଲେ। ସବୁଦଳର ଲୋକଙ୍କ ସହିତ ତାଙ୍କର ଉତ୍ତମ ସମ୍ପର୍କ ଯୋଗୁଁ ସେ ବଡ଼ଗାଁ ଅଞ୍ଚଳର ବହୁ ଉନ୍ନତିମୂଳକ କାର୍ଯ୍ୟ ଆଗେଇ ନେଇଥିଲେ। ତାଙ୍କର ବିୟୋଗ ବଡ଼ଗାଁ ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ତାଙ୍କ ଶ୍ରଦ୍ଧାଞ୍ଜଳି ସଭାରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି। ସେହିପରି ବିଧାନସଭା ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ବିନୟଙ୍କ ସହିତ ବିତାଇଥିବା ବହୁ ସ୍ମରଣୀୟ ମୁହୂର୍ତ୍ତ ମନେ ପକାଇ ଏହା ତାଙ୍କର ସ୍ମୃତିରେ ସବୁଦିନ ରହିବ ବୋଲି କହିଥିଲେ। ସେହିପରି ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ ତାଙ୍କର ଦୀର୍ଘ ରାଜନୈତିକ ଜୀବନରେ ସ୍ୱର୍ଗତ ପଣ୍ଡାଙ୍କ ସହଯୋଗକୁ ମନେପକାଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ବଡ଼ଗାଁ ବ୍ଲକର ପୂର୍ବତନ ଅଧ୍ୟକ୍ଷ, କଲେଜ ଓ ଆଇଟିଆଇ ପ୍ରତିଷ୍ଠାତା ତଥା ସମାଜସେବୀ ରାମଚନ୍ଦ୍ର ନାଏକ, ପୂର୍ବତନ ବିଧାୟିକା କୁସୁମ ଟେଟେ, ସୁନ୍ଦରଗଡ଼ ଉପନଗରପାଳ ଲଲାଟେନ୍ଦୁ ପରିଡ଼ା, ବରିଷ୍ଠ ବିଜେଡି ନେତା ଆନନ୍ଦ ମହାନ୍ତି, ବିଜେପିର ବରିଷ୍ଠ ନେତା ରଞ୍ଜନ ପଟେଲ, ଗିରିଶ ନାଏକ, ବଟକିଶୋର ମିଶ୍ର, ଯଶୋବନ୍ତ ନାଏକ, ପୂର୍ବତନ ବଡ଼ଗାଁ ବ୍ଲକ ଅଧ୍ୟକ୍ଷ ରାଜକୁମାର ଶର୍ମା, ରୋଜାଲିନ ସଏ, ଜିତେନ୍ଦ୍ର ଦାସ, ଅମରେଶ ପଣ୍ଡା, ପୂର୍ବତନ ସରପଞ୍ଚ ସିଦ୍ଧେଶ୍ୱର ସାହୁ, ଗୟା କିସାନ, ସନ୍ନ୍ୟାସୀ ମାଝୀ, ରାମ କୁଜୁର, ସନ୍ଦୀପ ତିବ୍ରେୱାଲ, ବସନ୍ତ ଟପ୍ପୋ, ସୁନ୍ଦରମଣି ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ। ଅନୁପ ବିଶି ଶ୍ରଦ୍ଧାଞ୍ଜଳି ସଭା ପରିଚାଳନା କରିଥିଲେ। ତୁଳାରାମ ହୋତା, ଲକ୍ଷ୍ମଣ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ।

# ମଙ୍ଗସପୁର ଲ୍ୟାମ୍ପସ୍‌ରେ ଧାନ ସଂଗ୍ରହ ଆରମ୍ଭ

**ସୁନ୍ଦରଗଡ଼, ୨୫।୧୨(ସମିସ)**



ମଙ୍ଗସପୁର ଲ୍ୟାମ୍ପସ୍‌ରେ ବୁଧବାର ୨୦୨୪-୨୫ ବର୍ଷ ପାଇଁ ଖରିଫ୍ ଧାନ ସଂଗ୍ରହର ଶୁଭାରମ୍ଭ ହୋଇଛି। ନିଆଲିପାଲି ଶାଖା ଲ୍ୟାମ୍ପସ୍‌ଠାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲ। ସମ୍ମାନିତ ଅତିଥି ଭାବେ ଟାଙ୍ଗରପାଲି (କ) ଜିଲ୍ଲା ପରିଷଦ ସଭ୍ୟା ଗେଲବତି ପଟେଲ, ନିଆଲିପାଲି ସରପଞ୍ଚ ତରୁଲତା କେରକେଟା, ସମିତି ସଭ୍ୟା ସୁରଭି ସାହୁ, ଲ୍ୟାମ୍ପସ୍ ସଭାପତି ବେଲାଳସେନ କୁମୁରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ପରିଚାଳନା ପରିଷଦ ସଭ୍ୟ ଜଟିଆ ମୁଣ୍ଡା, ମଙ୍ଗସପୁର ଲ୍ୟାମ୍ପସ୍ ପରିଚାଳନା ପରିଷଦ ସଭ୍ୟ ସୁରେନ୍ଦ୍ର ପଟେଲ, ବୀରେନ୍ଦ୍ର ପଟେଲ, ନକୁଳ ଚନ୍ଦ୍ର ନାଏକ, ଭକ୍ତରାମ ବୁଢ଼ା, ଗିରିଧାରୀ ଗଡ଼ତିଆ ପ୍ରମୁଖ ଯୋଗଦେଇ ଖରିଫ୍ ଧାନକୁ ସଠିକ ସମୟରେ ସୁରୁଖୁରୁରେ କ୍ରୟ କରିବା ଉପରେ ଗୁରୁତ୍ୱାରୋପ କରିବା ସହ ମଙ୍ଗସପୁର ଲ୍ୟାମ୍ପସ୍ ଅନ୍ତର୍ଗତ ସମସ୍ତ ମଣ୍ଡିକୁ ସ୍ୱଚ୍ଛ ଓ ଚାଷୀ ଅଭିମୁଖୀ କରିବାକୁ ଆହ୍ୱାନ ଦେଇଥିଲେ। ସକ୍ରିୟ ଚାଷୀ ଅମିତ୍ କୁମାର ପଟେଲ, ହେମ ସାଗର ପଟେଲ, ଦିଲ୍ଲୀପ କୁମାର ବେସନ, ତୁଳାରାମ ପଟେଲଙ୍କ ସମେତ ଲ୍ୟାମ୍ପସ୍ କର୍ମଚାରୀ ଶିଶୋ ଡୁଙ୍ଗଡୁଙ୍ଗ, ମନୋଜ ନାଏକ, ଅକ୍ଷୟ କୁମାର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀ ଶଶିଭୂଷଣ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

